**ଅଗ୍ନିକାଣ୍ଡ ଘଟଣାର ଭିନ୍ନ ମୋଡ଼**

# ସମ୍ପତ୍ତି ଲୋଭରେ ମାଆ ଓ ଝିଅଙ୍କୁ ହତ୍ୟା

**ସମ୍ବଲପୁର, ୭ ।୧୧(ସମିସ)**

ସମ୍ପତ୍ତି ଲୋଭରେ ବାପ ପୁଅ ମିଶି ଜନ୍ମ କଲା ମାଆ ଓ ଝିଅଙ୍କୁ ମାରିଦେଇଛନ୍ତି। ମଙ୍ଗଳବାର ରାତିରେ ସଦର ଥାନା ଅନ୍ତର୍ଗତ ହାଟପଦାରେ ଏକ ଘରେ ଅଗ୍ନିକାଣ୍ଡ ଘଟି ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୈରେନ୍ଦ୍ରୀ ଦୀକ୍ଷିତ(୬୨) ତାଙ୍କ ମା'ସ୍ନେହଲତା ଦୀକ୍ଷିତ(୯୮) ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏହି ଘଟଣାରୁ ସମ୍ବଲପୁର ପୁଲିସ ପର୍ଦ୍ଦାଫାସ କରିଛି। ହତ୍ୟା ପରେ ଅଗ୍ନିକାଣ୍ଡ ଭିଆଇ ଥିବା ସ୍ନେହଲତାଙ୍କ ପୁଅ ଜଗନ୍ନାଥ ଦୀକ୍ଷିତ ଓ ନାତି ସଙ୍କେତ ଦୀକ୍ଷିତକୁ ପୁଲିସ ଗିରଫ କରିଛି। ସମ୍ପତ୍ତି ପାଇଁ ଉଭୟ ହତ୍ୟା କରିଥିବା ପୁଲିସ ଆଗରେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ପୁଲିସ ଗୁରୁବାର ଘଟଣାସ୍ଥଳକୁ ଯାଇ ହତ୍ୟାକାଣ୍ଡର ସିନ୍‌ରିକ୍ରିଏସନ କରିଛି।ଏହି ଘଟଣାରେ ଜଗନ୍ନାଥଙ୍କ ପତ୍ନୀ ଓ ଝିଅ ମଧ୍ୟ ସନ୍ଦେହ ଘେରରେ ରହିଛନ୍ତି।

ସୂଚନା ଅନୁସାରେ, ଅବିବାହିତା ଥିବା ସୈରେନ୍ଦ୍ରୀ ତାଙ୍କ ମା'ଙ୍କ ସହିତ ଘରର ଉପର ମହଲାରେ ରହୁଥିବା ବେଳେ ନିଜ ଭାଇ ପରିବାର ସହିତ ତଳ ମହଲାରେ ରହୁଛନ୍ତି। ବୃଦ୍ଧାବସ୍ଥା ଯୋଗୁଁ ସ୍ନେହଲତା ଶଯ୍ୟାଶାୟୀ ଥିଲେ। ସବୁବେଳେ ସମ୍ପତ୍ତି ପାଇଁ କଳି ଲାଗିଥାଏ ବୋଲି ସ୍ନେହଲତାଙ୍କ ସାନ ଝିଅ ଅଗ୍ନିକାଣ୍ଡପରେ କହିଛନ୍ତି। ଏହା ଅଗ୍ନିକାଣ୍ଡ ନୁହଁ ଭାଇ ଜଗନ୍ନାଥ ହତ୍ୟା କରିଛି ବୋଲି ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପ୍ରାପ୍ତ ସୂଚନା ଅନୁସାରେ ଜଗନ୍ନାଥଙ୍କ ଅନେକ ଋଣ କରିଛନ୍ତି। ଜାଗାବାଡି ବିକ୍ରି କଲେ ଋଣ ସୁଝିବେ। ତେଣୁ ହତ୍ୟା କରିଥିବେ ବୋଲି ସାନ ଭଉଣୀ କହିଛନ୍ତି। ପୁଲିସ ସୂଚନା ଅନୁସାରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ସୈରେନ୍ଦ୍ରୀଙ୍କ ସହ ଜଗନ୍ନାଥଙ୍କ ସହ ଜମି ସମ୍ପର୍କୀୟ ଝଗଡ଼ା ହୋଇଥିଲା। ପରେ ବାପ ପୁଅ ମିଶି ଏକ ଗାମୁଛା ସାହଯ୍ୟରେ ଶ୍ୱାସରୁଦ୍ଧ କରି ପ୍ରଥମେ ସୈରେନ୍ଦ୍ରୀ ଓ ସ୍ନେହଲତାଙ୍କୁ ହତ୍ୟା କରିଥିଲେ। ପରେ ସଙ୍କେତ ପେଟ୍ରୋଲ ପମ୍ପରୁ ଦୁଇଟି ବୋତଲରୁ ୨୦୦ ଟଙ୍କାର ପେଟ୍ରୋଲ ଆଣି ଥିଲେ। ରାତି ପ୍ରାୟ ୧୦ଟା ପରେ ସୈରେନ୍ଦ୍ରୀଙ୍କୁ ରୋଷେଇ ଘରକୁ ଘୋଷାଡି ନେଇ ନିଆଁ ଲଗାଇ ଦେଇଥିଲେ। ସେପେଟେ ସମାନ ଢଙ୍ଗରେ ମାଆଙ୍କୁ ମଧ୍ୟ ଜାଳି ଦେଇଥିଲେ। ହତ୍ୟାକୁ ଦୁର୍ଘଟଣାର ରୂପ ଦେବା ପାଇଁ ଗ୍ୟାସ ଚୂଲାକୁ ଜଳାଇ ଦେଇଥିଲେ। ପରେ ଘର ଭିତର ପଟୁ ତାଲା ଦେଇ ପଛ ରାସ୍ତା ଦେଇ ତଳ ମହଲାକୁ ଫେରିଆସି ପେଟ୍ରୋଲ ବୋତଲ ଫୋପାଡି ଦେଇଥିଲେ। ପ୍ରକାଶ ଘଟଣା ଦିନ ଉପର ମହଲାର ଘର ଭିତିରେ ନିଆଁ ଜଳୁଥିବା ଲୋକେ ଦେଖିବାକୁ ପାଇଥିଲେ। ପରେ ତଳ ମହଲାରେ ରହୁଥିବା ତାଙ୍କ ଭାଇ ଜଗନ୍ନାଥଙ୍କୁ କହିଥିଲେ। ହେଲେ ଜଗନ୍ନାଥ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିନଥିଲେ। ତେଣେ ଏନେଇ ଖବର ପାଇ ସଦର ଥାନା ପୁଲିସ ଏବଂ କିଛି ସମୟ ପରେ







**ଅଭିଯୁକ୍ତ ବାପ-ପୁଅ କଲେ କ୍ରାଇମ୍‌ସିନ୍‌ର ରିକ୍ରିଏସନ୍**

ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପୁଲିସ ଘର ଭିତରକୁ ଯିବା ପରେ ମାଆ ଓ ଝିଅଙ୍କ ଦେହ ଅଧା ପୋଡିଥିଲା। କିନ୍ତୁ ଘରେ ନିଆଁ ଲାଗିନଥିଲା। ଯାହା ସନ୍ଦେହ ଘରକୁ ଆସିଥିଲା। ପରେ ସ୍ନେହଲତାଙ୍କ ସାନ ଝିଅଙ୍କ ଅଭିଯୋଗ ପରେ ପୁଲିସ ଛାନ୍‌ଭିନ୍ କରି ଜଗନ୍ନାଥ ସମେତ ସ୍ତ୍ରୀ, ପୁଅ ଓ ଝିଅଙ୍କୁ ପଚାରାଉଚାର କରିଥିଲା। ଜଗନ୍ନାଥ ଓ ସଙ୍କେତକୁ ଗିରଫ ପରେ ମାଆ ଓ ଝିଅଙ୍କୁ ମଧ୍ୟ ସନ୍ଦେହ ଘେରରେ ରଖିଥିବା ସୂଚନା ରହିଛି।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

**କୁଚିଣ୍ଡା, ୭ ।୧୧(ସମିସ):** ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଧିନସ୍ଥ କୁସୁମୀ ଫାଣ୍ଡି ଅନ୍ତର୍ଗତ କୁଲେଇଚୁଆଁ ଗ୍ରାମର ନିକଟରେ ୧୮ଟିକିଆ ହାତୀପଲ ଉପଦ୍ରବ କରୁଛନ୍ତି। ବୁଧବାର ସନ୍ଧ୍ୟାରେ ବନ ବିଭାଗ କର୍ମଚାରୀଙ୍କ ସହ ଗ୍ରାମର କିଛି ବ୍ୟକ୍ତିଙ୍କ ରାମ ଗାମାରେଇ (୬୩) ହାତୀପଲକୁ ଘଉଡ଼ାଇବାକୁ ଯାଇଥିଲେ। ଏହି ସମୟରେ ରାମ ଗାମାରେଇକୁ ବଣୁଆ ହାତୀ କଚାଡି ଦେଇଥିଲା। ହାତୀ ଆକ୍ରମଣ ସମୟରେ ରାମ ଗାମାରେଇ ଚିତ୍କାର ଶୁଣି ବଡ଼ କଷ୍ଟରେ ହାତୀ ଠାରୁ ତାଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। କୁଚିଣ୍ଡା ଡାକ୍ତରଖାନାକୁ ମୃତଦେହ ଆଣିଥିଲେ ହେଲେ ରାତି ହୋଇଯାଇଥିବାର ଶବଗୃହରେ ତାଙ୍କର ମୃତଦେହ ରଖାଯାଇଥିଲା। ଗୁରୁବାର ପରିବାର ଏବଂ ମହୁଲପାଲି ପୁଲିସ ସହିତ ବନବିଭାଗର କର୍ମଚାରୀଙ୍କ ଉପସ୍ଥିତିରେ କୁଚିଣ୍ଡା ଡାକ୍ତରଖାନାରେ ଶବବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। କୁଚିଣ୍ଡା ରେଞ୍ଜର ରେଖାଶ୍ରୀ ମହାନନ୍ଦ ଡାକ୍ତରଖାନାରେ ପହଁଞ୍ôଚ ମୃତକ ପରିବାରକୁ ଯଥା ସମ୍ଭବ ସରକାରୀ ସୁବିଧା ଯୋଗାଇ ଦେବାକୁ କହିଛନ୍ତି। ଏନେଇ ମହୁଲପାଲି ଥାନାରେ ମାମଲା ରୁଜୁ କରାଯାଇ ଘଟଣାର ଅନୁସନ୍ଧାନ ଚଲାଇ ଥିବା ପୁଲିସ ପକ୍ଷରୁ ପ୍ରକାଶ।

**୨୩ ଟିକିଆ ହାତୀପଲଙ୍କ ଉପଦ୍ରବ**

# ନଷ୍ଟ କଲେ ଅମଳକ୍ଷମ ଧାନ ଫସଲ



**ରେଢ଼ାଖୋଲ, ୭ ।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବଡବାହାଲ ରେଞ୍ଜ ଅଧୀନ କଦଳୀଗଡ଼ ପଞ୍ଚାୟତର ବିଭିନ୍ନ ଗାଁରେ ଗତ ଶନିବାର ଠାରୁ ୨୩ ଟିକିଆ ହାତୀପଲ ଉପଦ୍ରବ କରୁଛନ୍ତି। ଗତ ରାତ୍ରିରେ ହାତୀପଲ ରଜାମୁଣ୍ଡା ଜଙ୍ଗଲରୁ ବାହାରି ଡିମିରିମୁଣ୍ଡା ଗ୍ରାମର ବନମାଳି ପ୍ରଧାନ, ଅବଧୁତ ପ୍ରଧାନ, ଅନାଦୀ ପ୍ରଧାନ, ଦୁଃଶାସନ ପ୍ରଧାନ, ବୈକୁଣ୍ଠ ପ୍ରଧାନ, ଛବିଳ ପ୍ରଧାନ, ପରମାନନ୍ଦ ପ୍ରଧାନ ଓ ପୂର୍ଣ୍ଣ ମୁଣ୍ଡାଙ୍କ ଅମଳକ୍ଷମ ଧାନ ଫସଲ ନଷ୍ଟ କରଛନ୍ତି। ଏଥି ସହିତ ବଡବାହାଲ ପଞ୍ଚାୟତର ହାତିବାହାଲ ଗ୍ରାମର କଳ୍ପତରୁ ପ୍ରଧାନ, ଗାବଲୁ ପ୍ରଧାନ, ପ୍ରତାପ ପ୍ରଧାନଙ୍କ ସହିତ ପନକିମାଳ ଓ ସାମସିଂହା ଗ୍ରାମର କିଛି ଚାଷୀଙ୍କ ଧାନ ଫସଲ ନଷ୍ଟ କରିଛନ୍ତି। ଗତ ଶନିବାର ଠାରୁ ହାତୀପଲ ରଜାମୁଣ୍ଡା ଜଙ୍ଗଲକୁ ତାଙ୍କର ଆଶ୍ରୟସ୍ଥଳୀ କରିଛନ୍ତି। ଗୁରୁବାର ମଧ୍ୟ ଏହି ଜଙ୍ଗଲରେ ରହିଥିବା ସୂଚନା ମିଳିଛି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ସନ୍ଧ୍ୟା ହେଲେ ଚାଷୀ ନିଜ ନିଜର ଚାଷଜମି ଜଗିରହି ରାତି ବିତାଇବା ପାଇଁ ବାଧ ହେଉଛନ୍ତି। ତୁରନ୍ତ ହାତୀପଲଙ୍କୁ ଅନ୍ୟତ୍ର ଘଉଡାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷୟକ୍ଷତିର ଆକଳନ କରି କ୍ଷତିପୁରଣ ଯୋଗାଇ ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

**ଜିଲ୍ଲାପାଳଙ୍କ ଜନଶୁଣାଣି**

# ଅଭିଯୋଗ କରିବାରୁ ଅଭିଯୋଗକାରୀଙ୍କୁ ଧମକ

**ବାମରା, ୭ ।୧୧(ସମିସ):** ସମ୍ବଲପୁର ଜିଲ୍ଲାବାମରା ଠାରେ ଆୟୋଜିତ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ରେ ସରକାରୀ ରାସ୍ତା ଜମି ଜବରଦଖଲ ନେଇ ଅଭିଯୋଗ କରିବାରୁ ଅଭିଯୋଗକାରୀଙ୍କୁ ଧମକ ଦେଲେ ଗୋବିନ୍ଦପୁର ଆର୍‌ଆଇ। ସୂଚନା ଅନୁସାରେ ଗତ ଅକ୍ଟୋବର ମାସ ୨୮ ତାରିଖ ଦିନ ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଠାରେ ଜିଲ୍ଲପାଳଙ୍କୁ ଜନଶୁଣାଣି ଶିବିର ଅନୁଷ୍ଠିତ ହେଇଥିଲା। ସେଥିରେ ବାମରା (ବଡ଼ ଢୁମେରମୁଣ୍ଡା) ଗ୍ରାମର ଗୌଡ଼ପଡ଼ା ଠାରେ ଜଣେ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରିଥିବା ନେଇ ସେହି ଗ୍ରାମର ଶିବ ଶଙ୍କର ପାଲ ଅଭିଯୋଗ କରିଥଲେ। ମାତ୍ର ଉକ୍ତ ଅଭିଯୋଗ କେଉଁ ସାହସରେ ଓ କିଭଳି ଅଭିଯୋଗ କଲ ବୋଲି କୁଆଡ଼େ ଗୋବିନ୍ଦପୁର ଆର୍‌ଆଇ ତୃପ୍ତା ଓରାମ ତାଙ୍କୁ ମୋବାଇଲ ଫୋନରେ ଧମକ ଦେଇଥିବା ଶିବଶଙ୍କର ଅଭିଯୋଗ କରିଛନ୍ତି। ଏହା ସହ ଶ୍ରୀମତୀ ଓରାମ, ଶିବ ଶଙ୍କର ପାଲଙ୍କୁ ଅଫିସକୁ ଡକାଇ ଦୁର୍ବ୍ୟବାର କରିବା ସହ ତାଙ୍କ ଜମି ମାପ କରି ତାଙ୍କ ଘର ଭାଙ୍ଗି ଦେବି ବୋଲି ଧମକ ଦେଇ ଥିଲେ। ଏହାକୁ ନେଇ ଶିବ ଶଙ୍କର ପାଲ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିବା ବେଳେ ଅଭିଯୋଗ ଅନୁସାରେ ଗୋବିନ୍ଦପୁର ପୁଲିସ ଏକ ମାମଲା ରୁଜୁ କରିଛି। ଅନ୍ୟପଟେ ଗୋବିନ୍ଦପୁର ଆର ଆଇ ଶ୍ରୀମତୀ ଓରାମଙ୍କ ଅଭିଯୋଗଅନୁସାରେ, ଶିବ ଶଙ୍କର ପାଲ ମଧ୍ୟ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଓ ଧମକ ଦେଇଥିବା ଅଭିଯୋଗ କରିଛନ୍ତି। ଉଭୟ ଅଭିଯୋଗକୁ ଭିତ୍ତି କରି ପୁଲିସ ଦୁଇ ଟି ପୃଥକ୍ ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ରହିଛି।

**■ ଯୁବକଙ୍କ ମୃତଦେହ ଉଦ୍ଧାର**

# ପୁଲିସ-ସାଇଣ୍ଟିଫିକ୍ ଦଳର ତଦନ୍ତ

**କୁଚିଣ୍ଡା, ୭ ।୧୧(ସମିସ):** ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅର୍ନ୍ତଗତ ସାଲେଭାଡି ନିକଟସ୍ଥ ଚଷାପଡ଼ାର ସୁଦର୍ଶନ ଟପ୍ପୋ(୩୫)ଙ୍କ ମୃତଦେହ ନିକଟସ୍ଥ ଗେସ ଗୋଦାମ ପଡ଼ା କଲର୍ଭଟ ନିକଟରୁ ଉଦ୍ଧାର ହୋଇଛି। ଅନ୍ୟପକ୍ଷରେ ମୃତ ଯୁବକଙ୍କ ପତ୍ନୀ ତାଙ୍କ ସ୍ୱାମୀକୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି। ମହୁଲପାଲି ଆଇଆଇସି ଫିରୋଜ ଏକ୍କା, କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା, ସମ୍ବଲପୁର ସାଇଣ୍ଟିଫିକ୍ ଦଳ ତଦନ୍ତ ଆରମ୍ଭ କରିଛନ୍ତି। ସୁଦର୍ଶନଙ୍କ ମୃତଦେହକୁ ବ୍ୟବଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଯାଇଛି। ଘଟଣାରୁ ପ୍ରକାଶ ଯେ ସୁଦର୍ଶନ ଟପ୍ପୋ(୩୫) ମହେନ୍ଦ୍ର ବାହାଲାଙ୍କ ଝିଅ ପାର୍ବତୀଙ୍କୁ ପ୍ରେମ ବିବାହ କରି ସାଲେଭାଡି ଗ୍ରାମରେ ରହୁଥିଲେ। ଗତକାଲି ସୁଦର୍ଶନ ଗ୍ରାମର ତାଙ୍କ ଦୁଇଜଣ ସାଥୀ ସହିତ ଘରୁ ବୁଲିବାକୁ ଯାଇ ଫେରି ନଥିଲେ। ଗୁରୁବାର ସକାଳୁ ସୁଦର୍ଶନଙ୍କ ମୃତଦେହ ସିଲେଭାଡି ଗେସ ଗୋଦାମପଡ଼ା ନିକଟସ୍ଥ କଲର୍ଭଟ ତଳେ ପଡ଼ିଥିଲା। ଏପରିକି ତାଙ୍କ ବାଇକ୍ ମଧ୍ୟ କିଛି ଦୂରରେ ପଡ଼ିଥିଲା। ସୁଦର୍ଶନକୁ ହତ୍ୟାକରାଯାଇଥିବା ପତ୍ନୀ ପାର୍ବତୀ ଟପ୍ପୋ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଏସ୍‌ଡିପିଓ, ସାଇଣ୍ଟିଫିକ ଟିମ୍ ତଦନ୍ତ ପରେ ଶବବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଯାଇଛି। ଅଭିଯୋଗକୁ ଭିତ୍ତି କରି ଗ୍ରାମର ଦୁଇଜଣ ଯୁବକ ପଦ୍ମଲୋଚନ ପାତ୍ର, ସଞ୍ଜୟ ପାତ୍ରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ

**ସମ୍ବଲପୁର, ୭ ।୧୧(ସମିସ):** ସମ୍ବଲପୁର ଜମନକିରା ଥାନା ଅନ୍ତର୍ଗତ ଏକ ଗ୍ରାମରେ ହୋଇଥିବା ଜଣେ ୫ ବର୍ଷିୟ ନାବାଳିକାକୁ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତକୁ ଆଜି ସମ୍ବଲପୁର ପୋକସୋ କୋର୍ଟ ବିଚାରପତି ୨୦ ବର୍ଷ ଜେଲଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ବିଚାରପତି ଅଭିଲାଷ ସେନାପତି ମୋଟ ୧୭ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ୬୦ ବର୍ଷିୟ ଅଭିଯୁକ୍ତ ବ୍ରହ୍ମା ଖଡିଆଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ଅନୁସାରେ ଗତ ୨୦୨୨ ମସିହାରେ ୫ ବର୍ଷିୟ ନାବାଳିକା ଜଣକ ଗ୍ରାମରେ ନିଜ ଘର ପାଖରେ ଥିବା ଏକ ନଡ଼ା ଗଦା ପାଖରେ ଖେଳୁଥିବା ବେଳେ ଅଭିଯୁକ୍ତ ଜଣକ ନାବାଳିକାକୁ ଟେକିନେଇ ଯୋର ଜବରଦସ୍ତ ଦୁଷ୍କର୍ମ କରିଥିଲା। ଏନେଇ ନାବାଳିକାଙ୍କ ପିତା ଘଟଣା ନେଇ ଜାଣିବାପରେ ଜମନକିରା ଥାନାରେ ଲିଖିତ ଅଭିଯୋଗ କରିବାପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେଣେ ଏନେଇ ମାନ୍ୟବର ପୋକସୋ କୋର୍ଟ ବିଚାରପତି ଆଜି ଏହି ଘଟଣାରେ ଚୁଡାନ୍ତ ରାୟ ଶୁଣାଇଛନ୍ତି। ଏହି ରାୟ ଆସିବା ପରେ ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ନିଜ ପ୍ରତିକ୍ରିୟା ରଖିଥିଲେ।

# ଦୁର୍ଘଟଣାରେ ଦୁଇ ଯୁବକ ଗୁରୁତର

**ରେଢ଼ାଖୋଲ, ୭ ।୧୧(ସମିସ):** ସମ୍ବଲପୁର କଟକ ୫୫ ନଂ ଜାତୀୟ ରାଜପଥର ରେଢ଼ାଖୋଲ ସହରର ପିଏଚଡ଼ି କାର୍ଯ୍ୟଳୟ ସମ୍ମୁଖରେ ବାଇକ୍ ଦୁର୍ଘଟଣାରେ ୨ ଜଣ ଆରୋହୀ ଗୁରୁତର ହୋଇଛନ୍ତି। ଆହତମାନେ ନାକଟିଦେଉଳ ବ୍ଲକ ଘୋଷରାମାଲ ପଞ୍ଚାୟତ ବ୍ରାହ୍ମଣୀ ଗାଁର କୁନୁ ଦେହୁରୀ ଓ ରୁଷି ଦେହୁରୀ। ସୂଚନା ଯୋଗ୍ୟ ଯେ ଉକ୍ତ ଯୁବକମାନେ ଏକ ବାଇକ୍ ଯୋଗେ ଦ୍ରୁତ ଗତିରେ ରେଢ଼ାଖୋଲ ସହରକୁ ଆସୁଥିବା ବେଳେ ପିଏଚଡ଼ି କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଏକ ଗାଈ ସହିତ ଧକ୍କା ହୋଇଥିଲା। ଫଳରେ ଯୁବକମାନେ ତଳେ ପଡ଼ି ଯାଇଥିଲେ। ସେହି ସମୟରେ ଏକ କାର୍ ଦ୍ରୁତ ଗତିରେ ଆସି ଉକ୍ତ ଯୁବକଙ୍କ ଉପରେ ଚଢ଼ିଯାଇ ଫେରାର ହୋଇଯାଇଥିଲା। ଖବର ପାଇ ପୁଲିସ ପହଞ୍ଚି ଉଭୟ ଯୁବକଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# କୁଚିଣ୍ଡା କଲେଜରେ ଯୁବ ରେଡ୍‌କ୍ରସ୍ ପକ୍ଷରୁ ପ୍ରବେଶ ଉତ୍ସବ



**କୁଚିଣ୍ଡା, ୭ ।୧୧ (ସମିସ):** କୁଚିଣ୍ଡା କଲେଜର ଯୁବ ରେଡକ୍ରସ୍ ତରଫରୁ ପ୍ରବେଶ ଉତ୍ସବ ସଭା ଅନୁଷ୍ଠିତ ହୋଇଯାଇଛି। କଲେଜର ଅଡ଼ିଟୋରିୟମରେ ଅଧକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ସଭା ଆୟୋଜନ ହୋଇଛି। ସଭାକୁ ଯୁବ ରେଡକ୍ରସ୍ ଅଧିକାରୀ ଭିକାରି ଓରାମ୍ ପରିଚାଳନା କରିଥିଲେ ଏବଂ କଲେଜ ର ଅଧକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର ସ୍ୱେଚ୍ଛାସେବୀଙ୍କୁ ରେଡ୍‌କ୍ରସର ଇତିହାସ ଓ ବିକାଶ ସମ୍ବନ୍ଧରେ ଦିଗ୍‌ଦର୍ଶନ କରାଇଥିଲେ।ଜାତୀୟ ସେବା ଯୋଜନାର ଅଧିକାରୀ ସୁଶ୍ରୀ ବେଲମତି କୁମୁରା ସ୍ୱଚ୍ଛାସେବୀମାନଙ୍କର ଦାୟୀତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଯୁବ ରେଡକ୍ରସ୍‌ର ଅଧିକାରୀ ଦିବ୍ୟ ନାଗ ସଭାରେ ଉପସ୍ଥିତ ରହି ରେଡକ୍ରସ୍‌ର ନୀତି ଏବଂ ଲକ୍ଷ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ସଭାରେ ବହୁମାତ୍ରାରେ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। କଲେଜର ଅଧାପକ ଏବଂ ଅଧାପିକା ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ସଭା ଶେଷରେ ରେଡକ୍ରସ୍ ଅଧିକାରୀ ଶ୍ରୀଯୁକ୍ତ ଭିକାରି ଓରାମ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ପାର୍କିଂ ଫିସ୍ ବ୍ୟବସ୍ଥାକୁ ବିରୋଧ କଲେ ରୋହିତ ପୂଜାରୀ

**ସମ୍ବଲପୁର, ୭ ।୧୧(ସମିସ):** ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ସହରର ଆହୁରି ବିକାଶ ହେବା କଥା ମାତ୍ର ସରକାର ପରିବର୍ତ୍ତନ ପରେ ସହରବାସୀଙ୍କ ପାଇଁ ବରଦାନ ବଦଳରେ ଅଭିଶାପ ପାଲଟିଛି। ଅଇଁଠାପାଲି ଛକ ଠାରୁ ମ୍ୟୁନିସିପାଲିଟି ଛକ ପର୍ଯ୍ୟନ୍ତ ଏବଂ ଲକ୍ଷ୍ମୀଟକିଜରୁ ଭୁତାପଡ଼ା ଛକ ପର୍ଯ୍ୟନ୍ତ ରାସ୍ତା ସଙ୍କୁଚିତ ରହିଛି। ହେଲେ ମହିଳା ଥାନା ଠାରୁ ପିରବାବ ଛକ ପର୍ଯ୍ୟନ୍ତ ପାର୍କିଂ ପାଇଁ ସରକାର କୌଣସି ସ୍ଥାନ ନିରୂପଣ ନ କରି ପାର୍କିଂ ଫିସ ନାମରେ ହଠାତ ଜନସାଧାରଣଙ୍କ ଠାରୁ ୧୦ରୁ ୫୦ ଟଙ୍କା ଆଦାୟ କରୁଛି। ଏହା ଅତ୍ୟନ୍ତ ଲଜ୍ଜା ଜନକ, ସଂଭେଦଶୀଳ ଏବଂ ହାସ୍ୟାସ୍ପଦ। ସହରରେ ଉଠାଦୋକାନୀଙ୍କ ଥଇଥାନ ବ୍ୟବସ୍ଥା ନ କରି ଉଚ୍ଛେଦ କରାଯାଇଛି, ବସ୍ତି ବସିନ୍ଦାକୁ ଉଚ୍ଛେଦ କରି ଗୃହହୀନ କରାଗଲା। ବ୍ୟବସ୍ଥାକୁ ଦେଖି ମନେହୁଏ ଯେପରି ବିଜେପି ଶାସିତ ସରକାର ନିଜର ରାଜନୈତିକ କର୍ମୀମାନଙ୍କୁ ଥଇଥାନ କରିବା ପାଇଁ ପାଗଳ ପ୍ରାୟ।ଏହାକୁ ତୁରନ୍ତ ପ୍ରତ୍ୟାଖ୍ୟାନ ନ କରାଗଲେ ବିଜୁ ଜନତାଦଳ ତରଫରୁ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀ କହିଛନ୍ତି।




# ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ



**ସମ୍ବଲପୁର, ୭ ।୧୧(ସମିସ):** ପଢ଼ିଆବାହାଲ ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର /ପିଏଚସି)କୁ ଗୁରୁବାର ଦିନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ, ପଞ୍ଚାୟତିରାଜ ମନ୍ତ୍ରୀ ରବିନରାୟଣ ନାୟକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମର ଆୟୁକ୍ତ ବେଦଭୂଷଣ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରି ନାୟକ, ସମ୍ବଲପୁର ମୁଖ୍ୟଚିକିତ୍ସା ଅଧିକାରୀ ଡା. ସୁଜାତାରାଣୀ ମିଶ୍ର ଏବଂ ଅନ୍ୟାନ୍ୟ ସମ୍ମାନିତ ସଦସ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲେବର ରୁମ୍, ପ୍ରତୀକ୍ଷାଳୟ, ମହିଳା ଓ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ, ଦୁଇଟି ଓପିଡି, ଡ୍ରେସିଙ୍ଗ ରୁମ୍, ହେଲ୍ଥ ଆଣ୍ଡ ୱେଲନେସ ସେଣ୍ଟର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ର ଆଦିର ବ୍ୟବସ୍ଥା ରହିଛି। ଏହି ଅଞ୍ଚଳର ଜନସାଧାରଣଙ୍କୁ ପ୍ରାଥମିକ ଚିକିତ୍ସାର ସୁବିଧା ପ୍ରଦାନ କରିବାରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅତ୍ୟନ୍ତ ମୂଲ୍ୟବାନ ଭୂମିକା ନେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ରାଜ୍ୟରେ ଯେ କୌଣସି ବି ଜଟିଳ ପରସ୍ଥିତି ହେଉ ସଦାସର୍ବଦା ଆଶା କର୍ମଚାରୀ ଉପସ୍ଥିତ ରହି ସ୍ୱାସ୍ଥ୍ୟ ସେବା ଯୋଗାଇଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଆଶାଦିଦି ମାନଙ୍କର ସୁବିଧା ଅସୁବିଧା ବୁଝିବା ନିମନ୍ତେ ଆଗାମୀ ଦିନରେ ଆଶା ସମ୍ମିଳନୀ ଆୟୋଜନ କରିବା ପାଇଁ ଆଶା ବ୍ୟକ୍ତ କରିଥିଲେ।

**■ ସମ୍ବଲପୁରରେ ଛଟ୍ ପୂଜାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ**

# ପ୍ରକୃତି ସଂରକ୍ଷଣ ଓ ସୂର୍ଯ୍ୟ ଉପାସନାର ପବିତ୍ର ପର୍ବ 'ଛଟ୍': ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର/ସମ୍ବଲପୁର,୭।୧୧(ସମିସ)**

ଛଟ୍ ପୂଜା ଜନସାଧାରଣଙ୍କ ଆସ୍ଥାର ପବିତ୍ର ପର୍ବ। ଏହା ପ୍ରକୃତି ସଂରକ୍ଷଣ ଓ ସୂର୍ଯ୍ୟ ଉପାସନାର ମହାନ ପର୍ବ ବୋଲି ଗୁରୁବାର ସମ୍ବଲପୁରର ବିଭିନ୍ନ ସ୍ଥାନରେ ପୃଥକ ଛଟ୍ ପୂଜା ସମାରୋହରେ ସାମିଲ ହେବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଛଟ୍ ପୂଜାର ଶୁଭେଚ୍ଛା ଜଣାଇବା ସହ ସୂର୍ଯ୍ୟ ଦେବତାଙ୍କ ପୂଜା କରିଛନ୍ତି କେନ୍ଦ୍ରମନ୍ତ୍ରୀ। ସେ କହିଛନ୍ତି ଐତିହାସିକ ସମ୍ବଲପୁରର ବିଭିନ୍ନ ଅଞ୍ଚଳରେ ଛଟ୍ ପୂଜାରେ ସାମିଲ ହେବା ମୋର ସୌଭାଗ୍ୟ। ଏହି ପୂଜା ଆମର ଭାରତୀୟ ସଂସ୍କୃତିର ଅନନ୍ୟ ପରମ୍ପରା। ନାଗରିକମାନେ ଉତ୍ସାହର ସହ ଏହାକୁ ପାଳନ କରନ୍ତି। ସେ ଆହୁରି କହିଛନ୍ତି ଯେ ଆମ ଭାରତୀୟ ପରମ୍ପରାରେ ପର୍ବର ମହତ୍ତ୍ୱ ଅଧିକ। ଆମର ପର୍ବ ଗୁଡ଼ିକ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରିବାର ମହତ ବାର୍ତ୍ତା ଦେଉଅଛି। ଏହି ବିଚାରରେ ଆମେ ସମସ୍ତେ ସରକାରୀ ବ୍ୟବସ୍ଥା ବ୍ୟତୀତ ସମାଜର ସହଯୋଗରେ ସମ୍ବଲପୁରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ କାର୍ଯ୍ୟ କରିବା ଆବଶ୍ୟକ। ସେ ଆହୁରି କହିଛନ୍ତି ଯେ ସମ୍ବଲପୁର ଅଞ୍ଚଳର ସଂସ୍କୃତି ଅନନ୍ୟ । ଏଠାରେ ତ୍ୟାଗ, ସଂଘର୍ଷ ଓ ଉତ୍କଣ୍ଠା ମନୋବୃତ୍ତି ସାମାଜିକ ଜୀବନରେ ପ୍ରତିଫଳିତ ହୋଇଛି। ମା' ସମଲେଶ୍ୱରୀଙ୍କ ଭୂମି ସମ୍ବଲପୁରରେ ବିଭିନ୍ନ ଅଞ୍ଚଳର ଲୋକମାନେ ବସବାସ କରନ୍ତି । ଏଥିପାଇଁ ସମ୍ବଲପୁରର ଏକ ବିଶେଷତା ରହିଛି । ସମାଜରେ ଭାଇଚାରା ବଢୁ। ଏହା ମହାପ୍ରଭୁ, ମା' ସମଲେଶ୍ୱରୀ, ଛଠି ମା'ଙ୍କ ପୋଖରେ କାମନା କରୁଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।



ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ ଯମେଶ୍ୱର କହଲସିଂହ
ସାହିତ୍ୟିକ ଓ ଶିକ୍ଷାବିତ
ଲୋକିପୁର, ଗଡ଼ମାଣିତିର, ଖୋର୍ଦ୍ଧା
ଆବିର୍ଭାବ- ୧୮.୦୮.୧୯୪୭
ତିରୋଧାନ - ୧୯.୧୧.୨୦୨୩
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ପୁଅବୋହୂ -ରତିକାନ୍ତ, ମିନାକ୍ଷୀ, ନିଶିକାନ୍ତ, ସ୍ୱପ୍ନପ୍ରଭା, ଶୁଭକାନ୍ତ, ଶୁଭଶ୍ରୀ, ସୀତାକାନ୍ତ, ଲିପି, ଶଶିକାନ୍ତ, ରୁନୁ, ସୌମ୍ୟକାନ୍ତ, ସ୍ନେହା, ନାତୁଣୀନାତି -ଲିଟି, ଶିକି ସ୍ୱିଟି, ପ୍ରାଚୀ, ଟୁଟୁନା, ଟିଟି, ବିଲୁ ଓ ପ୍ରଭୁ ପରିବାରବର୍ଗ

# ଯୁବାଖୋଲରୁ ଜମରତଲା ରାସ୍ତା ମରାମତି କରାଯାଉ



**ପଦ୍ମପୁର, ୭।୧୧ (ସମିସ):** ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ ଅନ୍ତର୍ଗତ ଯୁବାଖୋଲ ଗ୍ରାମରୁ ଜମରତଲା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମରଣଜନ୍ତା ପାଲଟିଛି। ଏହି ରାସ୍ତାକୁ ଅନେକ ଥର ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବ୍ଲକ ଉନ୍ନୟନ ଅଧିକାରୀ ଗାଇସିଲେଟଙ୍କୁ ଅନୁରୋଧ କରାଯାଇଥିଲା। ଘଟଣାସ୍ଥଳକୁ ଆସି ଦେଖି ରାସ୍ତା ହେବ ବୋଲି ସେ ପ୍ରତିଶ୍ରୁତି ଦେଇ ଦେଇଥିଲେ, ହେଲେ ଏ ଯାଏ ରାସ୍ତା ଯେମିତିକୁ ସେମିତି ଅଛି। ଏହି ରାସ୍ତାଦେଇ ଅନେକ ସ୍କୁଲ ଛାତ୍ରଛାତ୍ରୀ ଜମରତଲା ହାଇସ୍କୁଲ ଯିବା ଆସିବା କରି ଥାନ୍ତି। ପାଟଣାଗଡ଼, ଘସିଏନ, ଲରମ୍ବା ଯିବା ଆସିବା କରିଥାନ୍ତି ଲୋକେ। ଫଳରେ ବର୍ଷାଋତୁରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଯାତ୍ରୀ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ବିଭାଗୀୟ ଅଧିକାରୀଙ୍କୁ ଦୀର୍ଘଦିନ ଧରି ଦାବିକଲେ ମଧ୍ୟ ସମାଧାନ ହେଉନାହିଁ। ଏଣୁ ଗ୍ରାମବାସୀ ଆଜି ପଦ୍ମପୁର ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ରାସ୍ତା ମରାମତି କିମ୍ବା ନବୀକରଣ କରିବା ଲାଗି ସ୍ଥାନୀୟ ଲୋକ ପ୍ରଶାସନ ଆଗରେ ଦାବି କରିଛନ୍ତି।

ପଣ୍ଡରିପାଣୀ- ବାଦେନବାହାଲ ରାସ୍ତା ମରଣଯନ୍ତା

# ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବାକୁ ଦାବି

ଗୁଦେରପାଲି, ୭।୧୧(ସମିସ)





ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲି ଠାରୁ ଭାୟା ପଦ୍ମପୁର ବ୍ଲକ ଅନ୍ତର୍ଗତ ପଣ୍ଡରିପାଣୀ ଗାଁ ଏବଂ ସୋହେଲା ବ୍ଲକ ଅନ୍ତର୍ଗତ ବାଦେନବାହାଲ ଗାଁକୁ ଏକ ପଞ୍ଚାୟତ କଚ୍ଚା ରାସ୍ତା ଯାଇଛି। ଯେଉଁ ରାସ୍ତାଟି ବାଟୋଇମାନଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ପ୍ରତ୍ୟହ ଆମ୍ବୁଲାନ୍ସ, ବାଟୋଇ ଏବଂ ଛାତ୍ରଛାତ୍ରୀମାନେ ଶିକ୍ଷା ଅଧ୍ୟୟନ ପାଇଁ ଗୁଦେରପାଲି ଆସିଥାନ୍ତି। ପ୍ରତିବର୍ଷ ବର୍ଷା ମାସ ଆସିଲେ ଉଭୟ ପଞ୍ଚାୟତର ସରପଞ୍ଚମାନେ କିମ୍ବା ତାଙ୍କ ସହଯୋଗୀମାନେ ସ୍ଥାନେ ସ୍ଥାନେ ମୋରମ ଢାଳିଦେଇ ବାକିତକ ଟଙ୍କା ପକେଟରେ ପୁରାଇ ଦେଉଥିବା ଅଭିଯୋଗ ହୋଇଥାଏ। ବୁଧବାର ସୋହେଲା ବ୍ଲକ ଅନ୍ତର୍ଗତ ବାଦେନବାହାଲ ଗ୍ରାମକୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଗସ୍ତ କରିଥିଲେ। ଏହି ସମୟରେ ଏହି କଚ୍ଚା ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବା ପାଇଁ କୋଶଳ ସଂଗ୍ରାମୀ ସୁଶାନ୍ତ ପଟେଲଙ୍କ ସମେତ ଗ୍ରାମବାସୀ ସାଂସଦ ଶ୍ରୀ ପୁରୋହିତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ଖୁବଶୀଘ୍ର ଏହି ରାସ୍ତାର ମରାମତି କରିବା ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି।

# ଝାରବନ୍ଧ ଆଞ୍ଚଳିକ କୃଷକ ସଂଗଠନର ଦାବିପତ୍ର ପ୍ରଦାନ



**ଝାରବନ୍ଧ, ୭।୧୧(ସମିସ):** ଝାରବନ୍ଧ ଆଞ୍ଚଳିକ କୃଷକ ସଂଗଠନ ତରଫରୁ ୬ଦଫା ଦାବି ନେଇ ଏକ ଦାବିପତ୍ର ତହସିଲଦାରଙ୍କ ଅନୁପସ୍ଥିତିରେ ସୁପରଭାଇଜର ନବୀନ ରାଉତଙ୍କୁ ପ୍ରଦାନ କରାଯାଇଛି। ଚାଷୀମାନେ ପ୍ରଥମେ ତହସିଲ ଅଫିସ ସମ୍ମୁଖରେ ଏକ ସାଧାରଣ ସଭା କରିଥିଲେ। ଏଥିରେ ଆଞ୍ଚଳିକ କୃଷକ ସଂଗଠନର ସଭାପତି କ୍ଷମାସାଗର ସାହୁ ଅଧ୍ୟକ୍ଷତା କରିଥିଲେ। ସାଥୀ କିଶୋର ସଂଗ୍ରାମୀ ସଂଗୀତ ପରିବେଷଣ କରିଥିଲେ। ସମ୍ପାଦକ ରୋହିତ ମହାନନ୍ଦ ୬ ଦଫା ଦାବି ପଠନ କରିଥିଲେ। ଚାଷୀନେତା ବିଶ୍ୱନାଥ ରଣା, ରାହାସ ବିହାରୀ ସାହୁ, ଡୋଳାମଣି ଚୌଧୁରୀ, ସନ୍ତୋଷ ବେହେରା, ବାଳକୃଷ୍ଣ ବନଛୋର, କ୍ଷୀରବତୀ ନାୟକ, ଚଞ୍ଚଳ ପ୍ରଧାନ(ବରପାଲି), ଜୟ କିସାନ ଆନ୍ଦୋଳନ ସଭାପତି ସୁଶୀଳ ସାହୁ, ସମ୍ପାଦକ ହର ବଣିଆ ପ୍ରମୁଖ ଚାଷୀ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ବର୍ଷ ଶେଷ ପର୍ଯ୍ୟାୟରେ ବର୍ଷା ହୋଇ ନ ଥିବାରୁ ଧାନ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଗଲା। ତେଣୁ ସରକାର ଝାରବନ୍ଧକୁ ମରୁଡ଼ି ଅଞ୍ଚଳ ଘୋଷଣା କରିବା, ଜଳସେଚନର ସ୍ଥାୟୀ ବ୍ୟବସ୍ଥା କରିବା, ଚାଷ ପାଇଁ ବିଦ୍ୟୁତ ବିଲ ଛାଡ଼ କରିବା ସହ ୩୦୦ ବିଦ୍ୟୁତ ବିଲ ଛାଡ଼ କରିବା, ସମସ୍ତ ସ୍କୁଲ, କଲେଜର ଫି ଛାଡ଼କରିବା, ରିଲାଏନ୍ସ କମ୍ପାନୀ ବୀମା କ୍ଷେତ୍ରରେ ମନମୁଖୀ ବନ୍ଦ କରି ସମସ୍ତ ଆବେଦନକୁ ମଞ୍ଜୁରୀ ଦେବା, ସ୍ୱାମୀନାଥନଙ୍କ ରିପୋର୍ଟକୁ କାର୍ଯ୍ୟକାରି କରିବା ଆଦି ପତ୍ରରେ ଉଲ୍ଲେଖ ରହିଛି।

# ମାନସିକ ରୋଗୀଙ୍କୁ ଉଦ୍ଧାର କଲା ସ୍ୱାସ୍ଥ୍ୟ ଟିମ୍



**ଅମ୍ବାଭୋନା, ୭।୧୧(ସମିସ):** ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଙ୍କର ବାଗଙ୍କ ସୂଚନା କ୍ରମେ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ଟେମରାମ ଦେହେରିଙ୍କ ନେତୃତ୍ୱରେ ଏକ ସ୍ୱାସ୍ଥ୍ୟ ଦଳ ଲଖନପୁର ଗ୍ରାମ ପଞ୍ଚାୟତର ବାଞ୍ଜିପାଲି ଗ୍ରାମରେ ରହୁଥିବା ମାନସିକ ରୋଗୀଙ୍କ ପାଖରେ ପହଞ୍ଚିଥିଲେ। ମାନସିକ ରୋଗୀ ଜଣକ ବାଞ୍ଜିପାଲି ଗ୍ରାମରେ ଥିବା ତଳିବନ୍ଧ ନିକଟ ଧାନ କ୍ଷେତରେ ଥିବା ଏକ ଖଜୁରୀ ବୁଦାମୂଳେ ରହିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ସେହି ଖଜୁରୀ ବୁଦାମୂଳେ ଡା. ଦେହେରି ସମ୍ପୃକ୍ତ ରୋଗୀଙ୍କୁ ବୁଝାସଝା କରିଥିଲେ। ରୋଗୀ ଜଣକ ନିଜ ଠିକଣା କହୁ ନ ଥିଲେ। ସେ ଛତିଶଗଡର ବୋଲି କହୁଥିଲେ। ଆଶାମାନଙ୍କୁ ମୋବାଇଲ ଯୋଗେ ଅନୁସନ୍ଧାନ ପରେ ତାଙ୍କ ନାମରୁ ତାଙ୍କ ସମ୍ପୂର୍ଣ୍ଣ ପରିଚୟ ଜଣାପଡିଥିଲା। ତାଙ୍କୁ ସେଠାରୁ ଆଣିବାକୁ ଅସୁବିଧା ହେବାରୁ ପୁଲିସକୁ ଖବର ଦିଆଯାଇଥିଲା। ବାଞ୍ଜିପାଲି ଗ୍ରାମବାସୀ ଓ ଆଶାକର୍ମୀ ମଞ୍ଜୁଲତା ବୋଧିଙ୍କ ସହାୟତାରେ ସ୍ୱାସ୍ଥ୍ୟ ଦଳ ସ୍ଥାନୀୟ ପୁଲିସଙ୍କ ସହଯୋଗରେ ରୋଗୀଙ୍କୁ ଉଦ୍ଧାର କରି ତାଙ୍କ ଗ୍ରାମକୁ ଆଣିଥିଲେ। ଗ୍ରାମରେ ଥିବା ତାଙ୍କ ସମ୍ପର୍କୀୟ ଓ ପଡୋଶୀଙ୍କ ସହାୟତାରେ ତାଙ୍କ ଘରେ ଚିକିତ୍ସା କରାଯାଇଥିଲା। ଉଦ୍ଧାର କାର୍ଯ୍ୟ ରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରଭାଇଜର ଗୋବିନ୍ଦ ପଧାନ, ଆଶାକର୍ମୀ ଖିତେଶ୍ୱରୀ ମାଝୀ ପ୍ରମୁଖ ସହାୟତା କରିଥିଲେ।

# ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ପାଇଁ ପ୍ରସ୍ତୁତି ବୈଠକ

**ବରଗଡ଼, ୭।୧୧(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଚଳିତ ବର୍ଷର ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀର ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲ ମୋହନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଅତିଥି ଭାବରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋହନ ଚରଣ ମହାନ୍ତ, ପ୍ରଧାନଶିକ୍ଷକ ମିଳନ ପଟେଲ, ପ୍ରଧାନଶିକ୍ଷକ ରନ୍ତିଦେବ ନାୟକ, ବ୍ଲକ ବିଜ୍ଞାନ ଫୋରମର ସଭାପତି ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ଶିକ୍ଷକ ମନୋହର ସାହୁ, ଶିକ୍ଷକ ବଶିଷ୍ଠ ସାହୁ ଯୋଗ ଦେଇଥିଲେ। ସିଆରସିସି କେଦାର ନାଏକ ସଭା କାର୍ଯ୍ୟ



ପରିଚାଳନା କରିଥିବା ବେଳେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସିଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ସଞ୍ଜୟ ଖମାରୀ ବୈଜ୍ଞାନିକ ପ୍ରକଳ୍ପଗୁଡିକୁ ଶିକ୍ଷାର୍ଥୀମାନେ କିପରି ଭାବରେ ପ୍ରସ୍ତୁତ କରିବେ ଏବଂ ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀରେ ଉପସ୍ଥାପନ କରିବେ ସେଥିପାଇଁ ସୂଚନା ପ୍ରଦାନ କରିଥିଲେ। ସିଆରସିସି ପୁନିରାମ ଗଣ୍ଡ ଗତବର୍ଷ ବିଜ୍ଞାନ ମେଳାର ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ ରାଜକୁମାର ବଘେଲ ଏବଂ ଶିକ୍ଷକ ପରମେଶ୍ୱର ରଥ ବିଜ୍ଞାନ ମେଳାକୁ ଉନ୍ନତ କରିବା ନିମନ୍ତେ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ଅମ୍ବାଭୋନା ବ୍ଲକ ବିଜ୍ଞାନ ଫୋରମର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସମସ୍ତ ସିଆରସିସି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ ପରମେଶ୍ୱର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଣୀ ଦୁର୍ଗାବତୀଙ୍କ ଜନ୍ମଦିନ ପାଳନ



**ପାଇକମାଲ, ୭।୧୧ (ସମିସ):** ଅଖିଳ ଭାରତୀୟ ବନବାସୀ କଲ୍ୟାଣ ଆଶ୍ରମ ଓଡ଼ିଶାପ୍ରାନ୍ତ ଆନୁକୂଲ୍ୟରେ ଯମୁନା କାନ୍ଧୁଣି ବାଳିକା ଉଚ୍ଚ ବିଦ୍ୟାଳୟରେ, ରାଣୀ ଦୁର୍ଗାବତୀଙ୍କ ଜନ୍ମ ଦିବସ ଗୁରୁବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇ ମୁଖ୍ୟ ଅତିଥି ଭାବେ ବନବାସୀ ମହିଳା ଆଶ୍ରମର ଓଡ଼ିଶା ମହିଳା ବିଭାଗ ପ୍ରମୁଖ ମନୋରମା ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅଥିତୀ ଭାବେ ଅମ୍ବିକା ଭୋଇ, ମମତା ବେହେରା, ସମାଜସେବୀ ଯୋଗେନ୍ଦ୍ର ଭୋଇ ଯୋଗ ଦେଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ରାଣୀ ଦୁର୍ଗାବତୀଙ୍କ ଉପରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା ଶିକ୍ଷୟିତ୍ରୀ ଅନୀମା ରାଉତ ସଭା ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ସଙ୍ଗୀତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ନମିତା ସାହୁଙ୍କ ନିର୍ଦ୍ଦେଶନାରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରାମାୟଣ ନବାହ୍ନ ପାରାୟଣ ଆରମ୍ଭ



**ପଦ୍ମପୁର, ୭।୧୧ (ସମିସ):** ପଦ୍ମପୁର ହନୁମାନପଡ଼ା ସ୍ଥିତ ହନୁମାନ ମନ୍ଦିରର କାଳୀ ମଣ୍ଡପରେ ଶ୍ରୀ ରାମାୟଣ ନବାହ୍ନ ପାରାୟଣ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୯ଦିନ ଧରି ଚାଲିବ। ହନୁମାନପଡ଼ା ମହିଳା ସମିତି ଦ୍ୱାରା କାର୍ତ୍ତିକ ବ୍ରତ ସହ ଏହି ବର୍ଷ ରାମାୟଣ ନବାହ୍ନ ଆରମ୍ଭ ହୋଇଯାଇଛି। ଗତକାଲି ଏକ ଭବ୍ୟ କଳସ ଯାତ୍ରାର ଆୟୋଜନ ହୋଇଥଲା। ଏହି ପାରାୟଣରେ ରବି ନାରାୟଣ ଦାଶ ଓ ତାଙ୍କର ସହ ଧର୍ମିଣୀ ସଞ୍ଜୁରାଣୀ ଦାଶ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ବ୍ୟାସକାର ନାରାୟଣ ଓଝା ଓ ତାଙ୍କ ସାଥୀଙ୍କ ଦ୍ୱାରା ଚମତ୍କାର ଭଜନ ତଥା ଶ୍ରୀରାମଙ୍କ କଥା ଏକ ଭକ୍ତିମୟ ପରିବେଶ ସୃଷ୍ଟି କରୁଛି। ମହିଳା ସମିତିର ସକ୍ରିୟ ସଦସ୍ୟା ରୁକ୍ମିଣୀ ମହାପାତ୍ର, ଭାରତୀ ପଟ୍ଟନାୟକ, ସୁଶ୍ରୀ ତୃପ୍ତିମୟୀ ଦାଶ, ସୁଶ୍ରୀ ମଞ୍ଜୁଲତା ପାଢ଼ୀ, ଅମ୍ବିକା ନାୟକ, ରୋହିଣୀ ମିଶ୍ର, କଳ୍ପନା ରାଣୀ ନାଥ, ରମ୍ଭା ସାହୁ, ଜୟଶ୍ରୀ ଶତପଥୀ, ଜ୍ୟୋତ୍ସ୍ନାରାଣୀ ପଣ୍ଡା, ବିନୋଦିନୀ ହଂସ, ମେନକା ଦାଶ, ସୁଭାଷିନୀ ପଧାନ, ସୁଷମା ପଣ୍ଡା, ମୋହିନୀ ପଟ୍ଟନାୟକ ଓ ଶୁଭ୍ରା ଶତପଥୀ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହେଉଛି। ଏହି ପାରାୟଣ ଶୁଣିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି।

# ସାଇନିଂ ଷ୍ଟାର ଶିବିର ଉଦ୍‌ଘାଟିତ

**ପାଇକମାଲ, ୭।୧୧ (ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳ ସଭାଗୃହରେ ବରଗଡ଼ ଜିଲ୍ଲାସ୍ତରୀୟ ତ୍ରିଦିବସୀୟ ସାଇନିଂ ଷ୍ଟାର ଶିବିର ପ୍ରଧାନଶିକ୍ଷକ ଦ୍ୱାଦଶ କୁମାର ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଡିଇଓ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପାଇକମଲ ବିଇଓ ଚୂଡ଼ାମଣି ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରଜ୍ ପଟ୍ଟନାୟକ ଶିବିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଷୋହେଲା ବିଇଓ ଅମୃତା ସାହୁ, ବିଜେପୁର ବିଇଓ ନାରାୟଣ ଭୋଇ, ପଦ୍ମପୁର ବିଇଓ ଲୋକନାଥ ଭୋଇ ଏବଂ ଝାରବନ୍ଧ ବିଇଓ ଶୁଭମ୍ କୁମାର ପତି ଯୋଗଦାନ୍





କରିଥିଲେ। ବରଗଡ଼ ଜିଲ୍ଲାର ୧୨ଟି ବ୍ଲକର ୧୬୪ ଛାତ୍ରଛାତ୍ରୀ ଏବଂ ୬୭ଜଣ ସାଧନ କର୍ମୀ ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଛନ୍ତି। ଭବାନୀ ଶଙ୍କର ଭୋଇ, ଲିଙ୍ଗରାଜ ସାହୁ, ନରସିଂହ ପଧାନ, ସୁଦାମ ପାଣ୍ଡେ, ଲଳିତ କୁମାର ବିଶ୍ୱାଳ, ଅମିତ୍ ସାହୁ, ସ୍ୱାଧୀନ କୁମାର, ମନୋଜ କୁମାର ସାହୁ, ବବିତା ବେହେରା, ମଧୁସ୍ମିତା ମେହେର, ଆନନ୍ଦିନୀ ସେଠ୍, ନିରୁପମା ସାହୁ, ଅକ୍ଷୟ ସାହୁ ସହଯୋଗ କରିଥିଲେ। ରଜତ କୁମାର ସାହୁ ଭୂଗୋଳ ପ୍ରୟୋଗଶାଳା ଉଦଘାଟିତ କରିଥିଲେ। ତ୍ରିଲୋଚନ ନାଏକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜ୍ୟୋତିର୍ମୟୀ ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମହାସମାରୋହରେ କାଳୀପୂଜା ସମ୍ପନ୍ନ

ବରଗଡ଼, ୭।୧୧(ସମିସ)

ବରଗଡ଼ ସ୍ଥିତ ମା' ଶ୍ୟାମାକାଳୀ ମନ୍ଦିରରେ ୮୨ ତମ ବାର୍ଷିକ କାଳୀପୂଜା ମହୋତ୍ସବ ସମ୍ପନ୍ନ ହୋଇଛି। ଦୀର୍ଘ ସାତଦିନ ଧରି ଅନୁଷ୍ଠିତ ବାର୍ଷିକ ପୂଜା ମହୋତ୍ସବର ଅନ୍ତିମ ଦିବସରେ ମା'ଙ୍କ ଅନ୍ନପୂର୍ଣ୍ଣା ବେଶ, ଉପଚାର ପୂଜା, କାଳୀ ପୂଜା

**ଅନ୍ତିମ ଦିନରେ ମା'ଙ୍କ ଅନ୍ନପୂର୍ଣ୍ଣା ବେଶ**



ଅବସରରର ପ୍ରତ୍ୟହ ବିହିତ ପୂଜା ସହିତ ସୂର୍ଯ୍ୟପୂଜା, ଘଟପୂଜା, ଅଷ୍ଟାଦଶ ମାତୃଗଣ ପୂଜା, ନବଗ୍ରହ ପୂଜା, ଦଶଦିଗପାଳ ପୂଜା, ବସୁଧାରା, ବର୍ଦ୍ଧନୀ ପୂଜା, ପାର୍ଶ୍ୱଦେବତା ପୂଜା, ବାବା ଶ୍ୟାମେଶ୍ୱରଙ୍କ ଠାରେ ରଦ୍ରାଭିଷେକ, ଜଗନ୍ନାଥଅଷ୍ଟକମ, ହନୁମାନ ଚାଳିସା ପଠନ ହୋଇ ଅପରାହ୍ଣରେ ଚଣ୍ଡୀହବନ ପରେ ମା'ଙ୍କ ଠାରେ ପୁଷ୍ପାଣ୍ଡ ପୂଜା, ୧୦୮ ଦୀପ ଦାନ କରାଯାଇଥିଲା। ମା'ଙ୍କ ଛପନ ଭୋଗ ବା ମହତି ଭୋଗ ଓ ବ୍ରତ ଅର୍ପଣ ହେବା ପରେ ଆରତି, ପୁଷ୍ପାଞ୍ଜଳି ହୋଇ ବାର୍ଷିକ ପୂଜାର ପୂର୍ଣ୍ଣାହୁତି ହୋଇଥିଲା। ପରେ ମନ୍ଦିରର ପଣ୍ଡିତମାନଙ୍କ ଦ୍ୱାରା ସାମୂହିକ ଆଶୀର୍ବାଦ ପ୍ରଦାନ କରାଯାଇଥିଲା। ମା'ଙ୍କ ଠାରେ ଲାଗି ହୋଇଥିବା ମହିତି ଭୋଗ ଏବଂ ବ୍ରତ ରାତ୍ରି ତମାମ୍ ବଣ୍ଟନ କରା ଯାଇଥାଏ। ଏହି ଦିନ ବ୍ରତଧାରୀ ଦିନ ତମାମା ଶ୍ରଦ୍ଧାର ସହ ନିର୍ଜଳା ଉପବାସ ରହି ରାତ୍ରିରେ ହୋମ କୁଣ୍ଡରେ ନଡ଼ିଆ ଦେଇ ମହିତି ଭୋଗ ଓ ବ୍ରତ ଘରକୁ ନେଇ ବ୍ରତ ଧାରଣ କରି ମହତି ଭୋଗ ପାଇ ଉପବାସ ଭଙ୍ଗ କରିଥାନ୍ତି। ପୂଜା ଅବସରରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଆସି ମା'ଙ୍କ ଠାରେ ଆଶୀର୍ବାଦ ଭିକ୍ଷା କରିଥିଲେ। ପଣ୍ଡିତ ନରସିଂହ ଶତପଥୀ, ଚଣ୍ଡି ପାଠକ ପଣ୍ଡିତ ନରେଶ ମିଶ୍ର, ପଣ୍ଡିତ ସଞ୍ଜୟ ଦାଶ, ପଣ୍ଡିତ ବିପିନ ବିହାରୀ ଦାଶ ପୂଜା ଅର୍ଚ୍ଚନା କରିଥିବା ବେଳେ ସତ୍ୟ ପ୍ରକାଶ ରଥ, ଦୀପକ ଦାଶ, ପରମାନନ୍ଦ ମିଶ୍ର, ସୁଜିତ ଦାଶ, ଦେବେନ ପଣ୍ଡା, ଓ ସତ୍ୟନାରାୟଣ ଦାଶ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କଳୀପୂଜା ପରିଚାଳନା କମିଟିର ସମସ୍ତ ସଭ୍ୟ ପୂଜାରେ ସହଯୋଗ କରିଥିଲେ।

# ଆଦର୍ଶ କ୍ରୀଡ଼ାବିତ୍ ଭାବେ ସମ୍ମାନିତ ହେଲେ ଲିଜି ମହାପାତ୍ର



**ବରଗଡ, ୭।୧୧(ସମିସ):** ବରଗଡ଼ ସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲରେ ଜନକଲ୍ୟାଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ମୁକୁନ୍ଦ ଦାଶଙ୍କ ଉଦ୍ୟମରେ ଚାଲିଥିବା ଜନକଲ୍ୟାଣ ସେବା ଟ୍ରଷ୍ଟର ୧୯ତମ ବାର୍ଷିକ ଉତ୍ସବ ଓ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମରେ ଆଦର୍ଶ କ୍ରୀଡ଼ାବିତ୍ ଭାବେ ସମ୍ମାନିତ ହୋଇଛନ୍ତି ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲି ଗାଁର ଦେବତା ପରିବାରର ବୋହୂ ତଥା 'ସକାଳ' ଖବରକାଗଜ ସାମ୍ବାଦିକ ରିଙ୍କୁ ଦେବତାଙ୍କ ପତ୍ନୀ ଲିଜି ମହାପାତ୍ର। ବର୍ତ୍ତମାନ ସେ ପଦ୍ମପୁର ବନାଞ୍ଚଳରେ ବନରକ୍ଷୀ ଭାବେ କାର୍ଯ୍ୟ କରୁଛନ୍ତି। ସେ ନିକଟରେ ଅନୁଗୋଳ ସ୍ଥିତ ବନରାଜିକ ମହାବିଦ୍ୟାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ମହିଳା ଖେଳାଳି ଭାବେ ଡିସ୍ କସ୍ -ଥ୍ରୋ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ଏବଂ ହାମର୍-ଥ୍ରୋ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଥିଲେ।



ପଦ୍ମପୁର: ସ୍ଥାନୀୟ ବିହାରୀ ସମାଜ ତରଫରୁ ଛଟ୍‌ମାଇ ଓ ସୂର୍ଯ୍ୟଦେବଙ୍କ ପୂଜାର୍ଚ୍ଚନା

# ଗାଇସିଲେଟ୍ ବ୍ଲକକୁ ନିମ୍ନମାନର କ୍ରୀଡ଼ା ସାମଗ୍ରୀ ବଣ୍ଟନ

ବରଗଡ଼,୭ ।୧୧(ସମିସ)

- ପ୍ରତି ପଞ୍ଚାୟତକୁ ଦିଆଯାଇଥିଲା ୨. ୫୦ ଲକ୍ଷ ଟଙ୍କା
- କାର୍ଯ୍ୟାନୁଷ୍ଠାନ ଶୂନ; ଘଟଣା ଚାପିଦେବାକୁ ପ୍ରୟାସ
- ଖବର ପ୍ରକାଶ ନ କରିବାକୁ 'ସକାଳ' ପ୍ରତିନିଧିଙ୍କୁ ଧମକ



ବିଗତ ନବୀନ ପଟ୍ଟନାୟକ ସରକାରରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା ଥିଲା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଯୋଜନାରେ ଯୁବକ ଯୁବତୀ ମାନଙ୍କର କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ପ୍ରତି ପଞ୍ଚାୟତକୁ ଦୁଇଲକ୍ଷ ପଚାଶ ହଜାର ଟଙ୍କାର କ୍ରୀଡ଼ା ସାମଗ୍ରୀ ମଞ୍ଜୁର ହୋଇଥିଲା। ଏହି ଯୋଜନାରେ ଗାଇସିଲେଟ ବ୍ଲକର ପ୍ରତି ଗ୍ରାମ ପଞ୍ଚାୟତକୁ ମଧ କ୍ରୀଡ଼ା ସାମଗ୍ରୀ ଆସିଛି, କିନ୍ତୁ ତାହା ନିମ୍ନମାନର ବୋଲି ଅଭିଯୋଗ ହେଉଛି। ତାହା ପୁଣି ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ। କ୍ରିକେଟ୍ ସାମଗ୍ରୀର ୯ଟି ସେଟ୍ ଆସିଥିବା ବେଳେ କେବଳ କ୍ୟାରମ୍ ବୋର୍ଡ ୬ଟି ଆସିଛି ଓ ତା'ର ଡଟ୍ ଆସି ନାହିଁ। ସେହିପରି ୧୧ ଗୋଟି ଭଲିବଲ୍ କୁ ମାତ୍ର ୨ଟି ନେଟ୍ ଆସିଛି। ବ୍ୟାଡମିଣ୍ଟନ ୩ ସେଟ୍, ଚେସ୍ ୬ଟି, ଫୁଟବଲ ୯ଟି, ଯୋତା ୩୦ ସେଟ୍ ଏବଂ ଜର୍ସି ୩୦ ସେଟ୍ ଆସିଛି। ଏହିପରି ପ୍ରତି ଗ୍ରାମ ପଞ୍ଚାୟତକୁ ନିମ୍ନମାନର କ୍ରୀଡ଼ା ସାମଗ୍ରୀ ଆସିଛି। ଏତିକି ସାମଗ୍ରୀ କେମିତି ଅଢ଼େଇ ଲକ୍ଷ ଟଙ୍କା ହେଲା ବୋଲି ଯେ କେହି ପ୍ରଶ୍ନ କରିବ। ଏ ସମ୍ପର୍କରେ 'ସକାଳ' ଖବରକାଗଜରେ ପ୍ରଥମେ ଖବର ପ୍ରକାଶିତ ହେବା ପରେ ସାମ୍ବାଦିକଙ୍କୁ ଧମକ ଚମକ୍ ଦେବା ସହ ପୁଣି ଏ ସମ୍ପର୍କିତ ଖବର ନ ବାହାର କରିବାକୁ ତାଗିଦ୍ କରାଯାଇଛି। ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ପୂର୍ବତନ ସରକାର ତୃଣମୂଳ ସ୍ତରରେ ପ୍ରତି ପଞ୍ଚାୟତରେ କିପରି ଯୁବକ ଯୁବତୀମାନେ ନିଜ ନିଜ ଭିତରେ ଅନ୍ତର୍ନିହିତ ପ୍ରତିଭାର ବିକଶିତ କରିପାରିବେ,ସେ ନେଇ ଏଭଳି ପଦକ୍ଷେପ ଗ୍ରହଣ କରିଥିଲେ। ହେଲେ କିଛି ଅସାଧୁ କର୍ମଚାରୀଙ୍କ ଯୋଗୁ ଯୋଜନା ବାଟବଣା ହୋଇଛି। ଏ ବିଷୟରେ 'ସକାଳ' ଖବରକାଗଜରେ ଖବର ପ୍ରକାଶିତ ହେବା ପରେ ସକାଳ ସାମ୍ବାଦିକଙ୍କୁ ଧମକ ଦେଇଛନ୍ତି ଅଞ୍ଚଳର କିଛି କୁଜିନେତା। ହେଲେ 'ସକାଳ' ଖବରକାଗଜ ସବୁବେଳେ ସତ୍ୟ ଘଟଣା ଲୋକଲୋଚନକୁ ଆଣିବା ଲାଗି ପ୍ରୟାସରତ। ଏହି ଖବରକୁ ଟୁଇଟର ଗାର୍ଲ୍ ଦିପା ବାରିକ ଟୁଇଟ କରି ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ କୌଣସି କାର୍ଯାନୁଷ୍ଠାନ ନ ନେବା ପରିତାପର ବିଷୟ। ଏଭଳି ଦୁର୍ନୀତିର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

# କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବରଗଡ଼,୭ ।୧୧ (ସମିସ): ବରଗଡ଼ ଉପକଣ୍ଠ ବରହମଚାରି ଗାଁ ପାଖ କେନାଲରେ ଆଜି ସକାଳୁ ଜଣେ ଯୁବକଙ୍କ ମୃତଦେହ ଦେଖିବାକୁ ଲୋକମାନେ ପାଇଥିଲେ। ସଙ୍ଗେ ସଙ୍ଗେ ପୁଲିସକୁ ଖବରଦେବା ପରେ ଟାଉନ୍ ଥାନା ଅଧିକାରୀ ସତ୍ୟଜିତ କଣ୍ଡେଲକର ଓ ଷ୍ଟାଫ ଯାଇ ପାଣି ଭିତରୁ ଶବକୁ ଉଦ୍ଧାର କରିଥିଲେ। ମୁଣ୍ଡ ଓ ଆଖି ପତା ଉପରେ ସାମାନ୍ୟ ଆଘାତ ଲାଗିଥିବା ବେଳେ ପାଣି ଭିତରେ ମୁଣ୍ଡ ବୁଡ଼ି ରହିଥିଲା। ମୃତକ ଜଣକ ତେନ୍ତୁଲା ନିବାସୀ ଗଣେଶ ଲାଲ କରନ ବୋଲି ଜଣା ପଡିଛି। କିପରି ଭାବରେ ମୃତ୍ୟୁ ହୋଇଛି ପୋଷ୍ଟ ମର୍ଟମ ରିପୋର୍ଟ ଆସିଲା ପରେ ଜଣାପଡ଼ିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

# ଅତାବିରା ବିଧାୟକ ଓ ସାଂସଦଙ୍କୁ ସମ୍ବର୍ଦ୍ଧନା



ଥୁଆପାଲି ୭।୧୧(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ରେମଣ୍ଡା ପଞ୍ଚାୟତ ମହୁଲପାଲି ଠାରେ ଗୁରୁବାର ଅପରାହ୍ଣରେ ମହୁଲପାଲି ସଂକୀର୍ତ୍ତନ ମଣ୍ଡଳୀ ଓ ଗ୍ରାମବାସୀଙ୍କ ତରଫରୁ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ କୁମାର ପୁରୋହିତ,ସମ୍ମାନିତ ଅତିଥି ଭାବେ ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ, ରେମଣ୍ଡା ସରପଞ୍ଚ ଉଦ୍ଧବ ବାରିକ, ସଂକ୍ରିଡ଼ା ବିଜେପି ମଣ୍ଡଳ ସଭାପତି ଭୀମସେନ ମଲ୍ଲିକ, ପୂର୍ବତନ ଭେଡେନ ବ୍ଲକ ଅଧକ୍ଷ ଶିବ ପ୍ରସାଦ ଖମାରୀ, କୃଷ୍ଣ କୁମାର ମହାନ୍ତି, କୁନୁବାବୁ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଗ୍ରାମବାସୀ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରିଥିଲେ। ସାଂସଦ ପ୍ରଦୀପ ପୁରୋହିତ ଓ ବିଧାୟକ ନିହାରରଞ୍ଜନ ମହାନନ୍ଦ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଗ୍ରାମବାସୀ ଗ୍ରାମରେ ଥିବା ବିଭିନ୍ନ ପ୍ରକାରର ମୌଳିକ ସମସ୍ୟା ସମ୍ପର୍କରେ ସାଂସଦ ଓ ବିଧାୟକଙ୍କୁ ଜଣାଇଥିଲେ। ସମସ୍ୟାର ସମାଧାନ କରାଯିବ ବୋଲି ସାଂସଦ ଓ ବିଧାୟକ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରିଶେଷରେ ଶିବପ୍ରସାଦ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

- କ୍ରିଷ୍ଣା ଆଦିବାସୀ କ୍ଲବ୍‌ର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ଗେଙ୍ଗୁଟିପାଲି କ୍ଲବ୍ ଚାମ୍ପିଅନ



ସମ୍ବଲପୁର, ୭ ।୧୧(ସମିସ): କ୍ରୀଷ୍ଣା ଆଦିବାସୀ କ୍ଲବ୍ ଆନୁକୂଲ୍ୟରେ ଗୁରୁବାର ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବରେ ରେଙ୍ଗାଲୀ ବିଧାୟକ ସୁଦର୍ଶନ ହରିପାଲ ଉପସ୍ଥିତ ଥିବା ବେଳେ ସମ୍ମନିତ ଅତିଥି ଭାବରେ ନିର୍ଗୁଣପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବବୃବାହନ ଭୋଇ, ଜାମିନି ବହିଦାର, ବୁଦ୍ଧୁରାମ ମୁର୍ମୁ, ସମାଜସେବୀ ରାଜେନ୍ଦ୍ର ଓରାମ, ବିଜୁ ସ୍ମୃତି କମିଟିର ସମ୍ପାଦକ ଦୁଲାଲ ଚନ୍ଦ୍ର ରାୟ ପ୍ରମୁଖ ଯୋଗଦେଇଥିଲେ। ଏହା ସହ ଶେଷଦେବ ଗୁରୁ, ରାଜେଶ ଗୁପ୍ତା, ବବୁରାମ ପଟେଲ, ସଦାନନ୍ଦ ସାହୁ, କ୍ଲବ୍ ସଭାପତି ସୁରେଶ ଓରାମ, କ୍ରୀଷ୍ଣା ଆଦିବାସୀ କ୍ଲବ୍ ସମ୍ପାଦକ ଭୀମ ଓରାମ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କ୍ଲବ୍‌ର ସଦସ୍ୟ ଅଜିତ ଓରାମ, ଜଗଦୀଶ ଓରାମ, ମହେଶ ଓରାମ, କିଶୋର ଖଡ଼ିଆ, ପୁଷ୍ପକ ଓରାମ, ସୁରଜ ଓରାମ, ଶକ୍ତି ଚୌଧୁରୀ, ରବିନ ଓରାମ, ଶୋଭା ଓରାମ ପ୍ରମୁଖ ଅନେକ ସଦସ୍ୟ ସହଯୋଗ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ସେମିଫାଇନାଲ ମ୍ୟାଚ୍ ଜିତି ରୟାଲ ଫୁଟବଲ କ୍ଲବ୍ ରେଙ୍ଗାଲି ଓ ଗେଙ୍ଗୁଟିପାଲି ଫୁଟବଲ କ୍ଲବ୍ ଫାଇନାଲରେ ପ୍ରବେଶ କରିଥିଲେ। ଗେଙ୍ଗୁଟିପାଲି ଫୁଟବଲ କ୍ଲବ୍ ୩-୪ରେ ଫାଇନାଲ ମ୍ୟାଚ୍ ଜିତି ବିଧାୟକଙ୍କ ଠାରୁ ପୁରସ୍କୃତ ହୋଇଥିଲେ।

# ପାଣି ଅଭାବରୁ ଉଜୁଡୁଛି ଧାନ କିଆରି



ବିଜେପୁର, ୭।୧୧(ସମିସ): ବରଗଡ଼ ଜିଲ୍ଲା ବିଜେପୁର ଅଞ୍ଚଳରେ ପାଣି ବିନା ବ୍ୟାପକ ଫସଲ ନଷ୍ଟ ହେଉଥିବାରୁ ଚାଷୀମାନଙ୍କ ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏକ ତଥ୍ୟ ଅନୁସାରେ ଚଳିତ ଖରିଫ ବର୍ଷରେ ବିଜେପୁର ବ୍ଲକରେ ମୋଟ ୧୩,୫୭୦ ହେକ୍ଟର ଫସଲ ଚାଷ ହୋଇଛି। କିନ୍ତୁ ବ୍ଲକର ମୋଟ ଜଳସେଚନ ଅଞ୍ଚଳ ୨୩, ୧୨୩ ହେକ୍ଟର ଦେଖାଯାଇଛି। ଅର୍ଥାତ୍ ଫସଲ ହୋଇଥିବା ଜମିଠାରୁ ଜଳସେଚନ ହେଉଥିବା ଜମିର ପରିମାଣ ଅଧିକ ରହୁଛି। ତେଣୁ ମୋଟ ଜଳସେଚିତ ଅଞ୍ଚଳ ମଧ୍ୟରେ ବୃହତ ପ୍ରକଳ୍ପରୁ ୭୫୫, କ୍ଷୁଦ୍ର ପ୍ରକଳ୍ପରୁ ୧୯୫୨, ଉଠା ଜଳସେଚନରୁ ୪୦୮, ବୋରୱେଲରୁ ୪୨୩୦, ଡଗ ୱେଲରୁ ୧୨୦, ଫାର୍ମ ପଣ୍ଡରୁ ୬୪ ଓ ଅନ୍ୟାନ୍ୟ ଜଳସେଚନ ବ୍ୟବସ୍ଥାରୁ ୫୧୦ ହେକ୍ଟର ଏବଂ ଗଙ୍ଗାଧର ମେହେର ମେଗା ଜଳସେଚନ ପ୍ରକଳ୍ପରୁ ୧୫,୦୮୪ ହେକ୍ଟର ଜଳସେଚିତ ହେଉଥିବା ଜଣାଯାଇଛି। କିନ୍ତୁ ଜଳସେଚନ ତାଲିକାରେ ସାମିଲ ହୋଇଥିବା ଡଗ ୱେଲ, ଫାର୍ମ ପଣ୍ଡ ଆଦି ଆଉ କାମକୁ ଆସୁନାହିଁ। ଦ୍ୱିତୀୟରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମଧ ଅନେକାଂଶରେ ଅକାମୀ ରହିଛି। ତେଣୁ କିଭଳି ଭାବରେ ଏତେ ପରିମାଣରେ ଜମି ଜଳସେଚିତ ହେଲା, ତାହା ଚାଷୀଙ୍କୁ ଚକିତ କରିଛି। ଚଳିତ ଖରିଫରେ ଗଙ୍ଗାଧର ମେହେର ମେଗା ଜଳସେଚନ ପ୍ରକଳ୍ପ ପାଣି ଛଡ଼ାଯାଇଛି। ଯଦି ଏହା ସଫଳ ହୁଏ, ତେବେ ବିଜେପୁରର ଏକ ବୃହତ ଅଞ୍ଚଳ ପାଇଁ ଜୀବନ ରେଖା ସଦୃଶ ହେବ ବୋଲି ଚାଷୀମାନେ ଆଶା ବାନ୍ଧିଛନ୍ତି। ଅନ୍ୟପକ୍ଷରେ ଗଙ୍ଗାଧର ମେହେର ମେଗା ଜଳସେଚନ ପ୍ରକଳ୍ପରୁ ବଞ୍ଚିତ ବ୍ଲକର ଏକ- ତୃତୀୟାଂଶ ଜମିର ସ୍ଥିତି ସଙ୍ଗିନ ରହିଛି। ମୋଟର ପମ୍ପ ତଥା ଅନ୍ୟାନ୍ୟ ସହାୟତାରେ ପାଣି ମଡ଼ାଇ ଧାନ କିଆରି ବଞ୍ଚାଇବା ପାଇଁ ପ୍ରାଣପଣେ ଚାଷୀମାନେ ଉଦ୍ୟମ କରୁଛନ୍ତି। କିନ୍ତୁ ପାଖରେ ପାଣି ନ ଥିବା ଫସଲ କିଆରି ନଷ୍ଟ ହେଉଛି। ଜଳସେଚନର ସଠିକ ସଥ୍ୟ ନ ହେଲେ ଆଗାମୀ ଦିନରେ ଧାନ ବିକ୍ରି, କ୍ଷତିପୂରଣ ଦାବି ସମେତ ବିଭିନ୍ନ ସମୟରେ ଚାଷୀ କ୍ଷତିର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ ଚାଷୀଙ୍କ ପ୍ରକୃତ ଜଳସେଚନ ସୁବିଧା, ଧାନ ବିକ୍ରି ବ୍ୟବସ୍ଥାର ସୁପରିଚାଳନା ଆଦି ଦିଗରେ ଦୃଷ୍ଟିଦେବାକୁ ଚାଷୀମାନେ ଦାବି କରିଛନ୍ତି।

# 'ବର୍ଣ୍ଣାଳୀ' ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ନାକଟିଦେଉଳ, ୭ ।୧୧(ସମିସ): ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସାହେବୀ ଉଚ୍ଚ ବିଦ୍ୟାଳୟରେ ଲିଙ୍ଗଭିତ୍ତିକ ସମତା ଆଧାରିତ ତିନିଦିନିଆ ବର୍ଣ୍ଣାଳୀ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୪୮ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସାମାଜିକ ଲିଙ୍ଗ ଭିତ୍ତିକ ସମତା ଓ ସମାନ୍ ଆଚରଣ ସମ୍ବନ୍ଧରେ ତାଲିମ ଦିଆଯାଇଥିଲା।ବ୍ରେକ୍ ଥ୍ରୋ କାର୍ଯ୍ୟକ୍ରମରେ ରାଜ୍ୟ ସାଧନ କର୍ମୀ ଶ୍ରୀମତୀ ପ୍ରଜ୍ଞା ପାରମିତା ବସ୍ତିଆ ଯୋଗଦେଇ ଲିଙ୍ଗ ଭିତ୍ତିକ ସମାନତାର ଆବଶ୍ୟକତା ଓ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ଓ ଏବିଇଓ ଶ୍ୟାମ ସୁନ୍ଦର ଦାଶ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାହେବୀ ହାଇସ୍କୁଲର ବରିଷ୍ଠ ଶିକ୍ଷକ ରାଜେନ୍ଦ୍ର ବିଶି ଓ ମୁଖ୍ୟବକ୍ତା ଭାବେ ସାହେବୀ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁନ୍ୟବାସୀ ସାହୁ ଯୋଗ ଦେଇଥିଲେ। ପ୍ରଶିକ୍ଷାର୍ଥୀ ଶିକ୍ଷକଙ୍କୁ ପ୍ରଶଂସାପତ୍ର ଦିଆଯାଥିଲା।

# କୃଷି ଜନଗଣନା ଅଧୀନରେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ



ସମ୍ବଲପୁର, ୭ ।୧୧(ସମିସ): ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଏକାଦଶ ପର୍ଯ୍ୟାୟ-୨ ଓ ୩ ଅଧୀନରେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି, ଯୁଗ୍ମ ନିର୍ଦ୍ଦେଶକ (ଉତ୍ତରାଞ୍ଚଳ) ସଞ୍ଜୟ କୁମାର ନନ୍ଦ, ରାଜ୍ୟ ନୋଡାଲ ଅଫିସର ପିଏମ୍‌ଏଫ୍‌ୱାଇ ଲକ୍ଷ୍ମୀଧର ବିଶ୍ୱାଳଙ୍କ ସିଡିଏଓ ଉମାକାନ୍ତ ମିଶ୍ର ମଞ୍ଚାସିନ ଥିଲେ। ଡିଏଲସିସି ଗଠନ, ଏକାଦଶ କୃଷି ଜନଗଣନାରେ ଡିଏଲସିସିର ଭୂମିକା, କୃଷି ଜନଗଣନାର ଉଦ୍ଦେଶ୍ୟ, ଏକାଦଶ କୃଷି ଜନଗଣନା ଅବଧି, ମାନବ ସମ୍ବଳର ଆବଶ୍ୟକତା, ପ୍ରାଥମିକ କର୍ମଚାରୀ ଓ ସୁପରଭାଇଜରଙ୍କ ଭୂମିକା, ଭାରତ ସରକାରଙ୍କ ଅନୁଯାୟୀ ମାନ୍ୟତାର ଢାଞ୍ଚା, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ଜନଗଣନା କାର୍ଯ୍ୟ ଶେଷ କରିବା ପାଇଁ ତାରିଖ ଲାଇନ୍ ଉପରେ ଆଲୋଚନା ହୋଇଥିଲା।

# ବଡ଼ କସିବାହାଲରେ ନାଗ ମାତାଙ୍କ ପୂଜା

ରେଢ଼ାଖୋଲ, ୭ ।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ବଡକସିବାହାଲ ଗ୍ରାମରେ ନାଗ ମାତାଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ କଳସ ଯାତ୍ରା ଉତ୍ସବ ଓ ଦିନ ୧୧ଟା ସମୟରେ ମାଁଙ୍କର ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ସୁଦୃଶ୍ୟ ମେଢରେ ମାଁ ଙ୍କର ସୁନ୍ଦର ମୃଣ୍ମୟୀ ମୂର୍ତ୍ତି ଓ ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁସଜ୍ଜିତ ପୂଜା ମଣ୍ଡପ ଝଲସୁଥିବା ଦେଖିବାକୁ ମିଳିଛି। ସନ୍ଧ୍ୟାରେ ପୂଜାମଣ୍ଡପ ନିକଟରେ ଅନେକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଚଳିତବର୍ଷ ପୂଜାରେ କର୍ତ୍ତା ଭାବେ ପ୍ରଫୁଲ୍ଲ ପ୍ରଧାନ ଦାୟିତ୍ୱ ନିର୍ବାହ କରୁଥିଲା ବେଳେ ପଣ୍ଡିତ କାଶିନାଥ ଦାଶ ପୌରୋହିତ୍ୟ କରୁଛନ୍ତି। ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆକର୍ଷଣୀୟ ଭାବେ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ ହୋଇଥିଲେ। ପୂଜା କମିଟି ସଭାପତି ନିରଞ୍ଜନ ରାଉଳ ଓ ସମ୍ପାଦକ ଅଭୟ ସାହୁ ସମସ୍ତ କାର୍ଯ୍ୟକ୍ରମ ସୂଚାରୁ ରୁପେ ପରିଚାଳନା କରୁଥିବା ବେଳେ ଜିତେନ ପ୍ରଧାନ, ରଜତ ସ୍ୱାଇଁ, ପ୍ରହଲ୍ଲାଦ ସାହୁ, ଏକାଦୁଶି ରାଉଳ, ହରେକୃଷ୍ଣ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଅରୁଣ ପ୍ରଧାନ ଓ ଅଞ୍ଜନ ପ୍ରଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ଓୟୁଜେ ଜମନକିରା ବ୍ଲକ୍ କର୍ମକର୍ତ୍ତା ଚୟନ



ଜମନକିରା, ୭ ।୧୧(ସମିସ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସାମ୍ବାଦିକ ୟୁନିଅନ(ଓୟୁଜେ)ର ଦ୍ୱିବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମ୍ବାଦିକ ଭବନରେ ଅନୁଷ୍ଠିତ ସାଧାରଣ ସଭା ଓ କର୍ମକର୍ତ୍ତା ଚୟନ ହୋଇଥିଲା। ସର୍ବସମ୍ମତିକ୍ରମେ କ୍ଷିତିରଞ୍ଜନ ପ୍ରଧାନ ସଭାପତି, ସନ୍ତୋଷ ପଟେଲ ସମ୍ପାଦକ ଓ ଅଶ୍ୱନୀ ମହାକୁଡ଼ଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଛି। ଜିଲ୍ଲା ପକ୍ଷରୁ ଜିଲ୍ଲା କୋଷାଧକ୍ଷ ହେମନ୍ତ କୁମାର ରାଉତ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ପୂର୍ବତନ ସଭାପତି ରାଜେନ୍ଦ୍ର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ବିବରଣୀ ପଠନ କରିଥିଲେ। ସଭ୍ୟ ସଚ୍ଚିକାନ୍ତ ସାହୁ, ସୁବାଷ ନାଥ ଶର୍ମା, ହରମୋହନ ପଟେଲ, ସଂଚୟ କୁମାର ପଟେଲ, ଅମୁଲ୍ୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ଫସଲ ବୀମାର ଜିଲ୍ଲାସ୍ତରୀୟ ମନିଟରିଂ କମିଟି ବୈଠକ

ସମ୍ବଲପୁର, ୭ ।୧୧(ସମିସ): ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଜିଲ୍ଲାସ୍ତରୀୟ ମନିଟରିଂ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଯୁଗ୍ମ ନିର୍ଦ୍ଦେଶକ (ଉତ୍ତର ରେଞ୍ଜ) ସଞ୍ଜୟ କୁମାର ନନ୍ଦ, ରାଜ୍ୟ ନୋଡାଲ ଅଫିସର ପିଏମଏଫବିୱାଇ ଲକ୍ଷ୍ମୀଧର ବିଶ୍ୱାଳ, ସିଡିଏଓ ଉମାକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର



କାର୍ଯ୍ୟକାରିତା, ଜିଲ୍ଲାସ୍ତରୀୟ ମନିଟରିଂ କମିଟି, ବ୍ଲକସ୍ତରୀୟ ମନିଟରିଂ କମିଟି, ଜିଲ୍ଲା ସ୍ଥିତି, ପ୍ରାଥମିକ କର୍ମଚାରୀ ଓ ସୁପରଭାଇଜରଙ୍କ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ (ନଭେମ୍ବର ୭ ଓ ୮ ତାରିଖ) ଓ ସୁପରଭାଇଜରଙ୍କ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ମୋବାଇଲ ଆପ୍ ତାଲିମ, କ୍ଷେତ୍ର ପ୍ରଶିକ୍ଷଣ, ରାଜ୍ୟର ରିସୋର୍ସ ପର୍ସନ ପ୍ରାଥମିକ କର୍ମଚାରୀଙ୍କୁ ପ୍ରଶିକ୍ଷଣ, ପ୍ରାଥମିକ କର୍ମଚାରୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ବରଗଡ଼ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ



ବରଗଡ଼,୭ ।୧୧ (ସମିସ)

- ଯୋଗଦେଲେ ୧୨ ବ୍ଲକ୍‌ରୁ ୪୫୦ ଛାତ୍ରଛାତ୍ରୀ

ବରଗଡ଼ ଜିଲ୍ଲା ଶିକ୍ଷା ବିଭାଗ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ଜିଲ୍ଲାସ୍ତରୀୟ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ ସୁରଭି ଉଦଯାପିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତାବିରା ବିଧାୟକ ନିହାର ମହାନନ୍ଦ ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ,ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ବରଗଡ଼ ବିଇଓ ସୁରେନ୍ଦ୍ର ସାହୁ, ଭଟଲି ବିଇଓ ସରୋଜ ଭୁଏ, ଜର୍ଜ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ଶାନ୍ତି ସୁନା, ଅତାବିରା ବିଇଓ ମିଶ୍ରାଣି କୁମ୍ଭାର, ପୁଷ୍ପାଞ୍ଜଳି ଦାଶ ପ୍ରମୁଖ ଯୋଗଦେଇ ଜିଲ୍ଲା ସ୍ତରରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ୧୨ ବ୍ଲକରୁ ୪୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପିଏମ୍ ପୋଷଣ ଚିତ୍ରକଳା ପ୍ରତିଯୋଗିତାରେ ବଲିଆ ରାଣା ଓ ଚାନ୍ଦିନୀ ଶର୍ମା ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଅମ୍ବାପାଲି ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ସୂଚନା ପ୍ରଦାନ କରାଯାଇଛି। ଉଦଯାପନୀ ସମାରୋହ ଡିଇଓ ଶ୍ରୀ ଛତ୍ରୀ ଅଧ୍ୟକ୍ଷତା କରିଥିବା ବେଳେ ଏଡିଏମ୍ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ସମେତ ସମସ୍ତ ବିଇଓ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ଗୋବିନ୍ଦ ସେଟ୍ ପରିଚାଳନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ରୀନା ପ୍ରଧାନ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଛାତ୍ରୀମାନେ ପରିଚାଳନା କରିଥିଲେ । ଅନୁଷ୍ଠିତ ଲୋକନୃତ୍ୟ ଉପରେ ଆଧାରିତ ସାସ୍କୃତିକ କାର୍ଯକ୍ରମର ବିଚାରକ ଭାବରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଲିଟୁ ମହାନ୍ତି, ବରିଷ୍ଠ ଅଭିନେତ୍ରୀ ତପସ୍ୱିନୀ ଗୁରୁ, ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ଅଶୋକ ବେହେରା ଯୋଗ ଦେଇଥିଲେ । ଭେଡେନ ବିଇଓ ମଚ୍ଛିନ୍ଦ୍ର ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବନ୍ଧବାହାଲରେ ଶ୍ରଦ୍ଧାଳୁ ପାଳିଲେ ଛଟ୍



**ଇବଥର୍ମାଲ,୭ ।୧୧(ସମିସ):** ପବିତ୍ର କାର୍ତ୍ତିକ ମାସରେ ବିହାରୀ ସମ୍ପ୍ରଦାୟ ପକ୍ଷରୁ ଛଟ୍ ପର୍ବ ପାଳନ କରାଯାଏ। ଏହି ଅବସରରେ ବନ୍ଧବାହାଲ କୋଇଲାଖଣି ଅଞ୍ଚଳରେ ଛଟ୍ ପର୍ବ ନିଷ୍ଠା ତଥା ହର୍ଷ ଉଲ୍ଲାସରେ ପାଳିତ ହୋଇଯାଇଛି। ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଏହିପର୍ବରେ ବିହାରୀ ସମ୍ପ୍ରଦାୟର ଲୋକେ ବ୍ରତ ଆରମ୍ଭ କରି ଘରେ ଘରେ ଛଟିମୟାଙ୍କ ପୂଜାର୍ଚ୍ଚନା କରିଥିଲେ। ବୁଧବାର ହରନା ବ୍ରତ ପାଳନ କରା ଯାଇଥିଲା। ୩୬ଘଣ୍ଟା ବ୍ରତ ପାଳନ ପରେ ଶହଶହ ସ୍ତ୍ରୀ ପୁରୁଷ ବନ୍ଧବାହାଲ ସ୍ଥିତ ଛଟ୍ ପୋଖରୀ ଠାରେ ଏକତ୍ରିତ ହୋଇ ଆଖୁ ରୋପଣ କରି ଅସ୍ତଗାମୀ ସୂର୍ଯ୍ୟଙ୍କ ଉପାସନା କରିଥିଲେ। ଏହି ଅବସରରେ ବନଧବାହାଲ ଛଟ୍ ପୋଖରୀ ଠାରେ ଏମସିଏଲ୍ ସିଏମଡି ଅନନ୍ତ ଉଦୟ କାଉଲେ, ଡାଇରେକ୍ଟର ଟେକ୍ନିକାଲ ପିଏଣ୍ଡପି ସଞ୍ଜୟ କୁମାର ବାପଟ, ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ସଞ୍ଜୟ କୁମାର ଝା , ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ବିଶ୍ୱଜିତ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ସୁରେଶ ସିଂହ, ସଞ୍ଜିବ ସିଂହ, ସମ୍ଭୁ ତ୍ରିପାଠୀ, ରମେଶ ସିଂହ, ଭୋଲା ସିଂହ, ସୁଧିର ସିଂହ ପ୍ରମୁଖ ପର୍ବର ସମସ୍ତ କାର୍ଯ୍ୟ ନିର୍ବାହ କରିଥିଲେ।

### ଗାଁ ଦାଣ୍ଡ ମଣ୍ଡପରେ ପଡ଼ିଛି କୁଇଣ୍ଟାଲ କୁଇଣ୍ଟାଲ ଧାନ

# ମିଳୁନି ଅଖା ବସ୍ତା; ଚିନ୍ତାରେ ଚାଷୀ

**ଝାରସୁଗୁଡ଼ା,୭ ।୧୧(ସମିସ)**



### ହୋଇନି ଡିଏଲ୍‌ପିସି ବୈଠକ, ଅନିଶ୍ଚିତତାରେ ଧାନକିଣା

ଖୋଲା ଆକାଶ ତଳେ ଗାଁ ଦାଣ୍ଡରେ ପଡ଼ି ରହିଛି କ୍ୟୁଣ୍ଟାଲ କ୍ୟୁଣ୍ଟାଲ ଧାନ। ବିଲରୁ ଅମଳ କରି ଆଣିଥିଲେ ହେଁ ସୁରକ୍ଷିତ ଭାବରେ ଧାନକୁ ରଖି ପାରିନାହାଁନ୍ତି ଚାଷୀ। କାରଣ ଝାରସୁଗୁଡ଼ା ଜିଲ୍ଲାରେ ଚାଷୀଙ୍କୁ ଏଯାଏଁ ଅଖା ବସ୍ତା ମିଳି ନ ଥିବାବେଳେ ଅନେକ ଗାଁରେ ଗ୍ରାମ ଖଳା ନ ଥିବାରୁ ଗାଁ ଦାଣ୍ଡରେ ଗଡୁଛି ଚାଷୀର ଧାନ। ସେପଟେ ଚାଷୀର ଆବଶ୍ୟକତାକୁ ଦେଖି ଅଖା ବସ୍ତାର କଳାବଜାରି ଆରମ୍ଭ କଲେଣି ବେପାରୀ। ନିଅଣ୍ଟିଆ ବର୍ଷାସତ୍ୱେ ଝାରସୁଗୁଡ଼ା ଜିଲ୍ଲାରେ ଅଳ୍ପ ବହୁତ କରି ମାଲ ଏବଂ ବେର୍ଣ୍ଣା ଜମିରୁ ଧାମ ଅମଳ ହୋଇ ସାରିଛି। ଚାଷୀମାନେ ଏହି ଧାନ ଆଣି ଗାଁ ଦାଣ୍ଡରେ ଗଦା କରିଛନ୍ତି। ଧାନ ସମ୍ପୂର୍ଣ୍ଣ ଶୁଖି ସାରିଲାଣି ହେଲେ ଏହି ଧାନକୁ ଭର୍ତ୍ତି କରିବା ପାଇଁ ଚାଷୀ ପାଖରେ ଅଖା ବସ୍ତା ନାହିଁ। ପ୍ରତିବର୍ଷ ଧାନ ଭର୍ତ୍ତି କରିବା ପାଇଁ ଚାଷୀମାନଙ୍କୁ ମିଲର୍ସମାନଙ୍କ ପକ୍ଷରୁ ଅଖାବସ୍ତା ଏବଂ ସୂତା ସମବାୟ ସମିତି ମାଧ୍ୟମରେ ଦିଆଯାଏ। ହେଲେ ଚଳିତବର୍ଷ ଚାଷୀଙ୍କୁ ଏପର୍ଯ୍ୟନ୍ତ ମିଳିନାହିଁ ଅଖାବସ୍ତା। ଚାଷୀଙ୍କ ପାଖରେ ଅଖା ବସ୍ତା ନ ଥିବା ଜାଣି ସେପଟେ ସକ୍ରିୟ ହୋଇ ଉଠିଛନ୍ତି ବେପାରୀ। ଗୋଟିଏ ଅଖା ବସ୍ତାକୁ ୨୫ ରୁ ୩୦ ଟଙ୍କାରେ ବିକ୍ରି କରିବା ଆରମ୍ଭ କରିଛନ୍ତି। ନିଜ ଫସଲକୁ ରକ୍ଷା କରିବା ପାଇଁ କିଛି ଚାଷୀ ବେପାରୀଙ୍କ ଠାରୁ ଚଢ଼ା ଦରରେ ଅଖାବସ୍ତା କିଣୁଥିବାବେଳେ କିଛି ଚାଷୀ ପ୍ଲାଷ୍ଟିକ ବସ୍ତା କିଣି ନିଜ ଧାନ ରଖୁଛନ୍ତି। ତେଣୁ ସରକାର ଶୀଘ୍ର ଅଖାବସ୍ତା ଯୋଗାଇଦେଲେ ଉପକୃତ ହେବୁ ବୋଲି କହିଛନ୍ତି ଚାଷୀ କମଳ ଲୋଚନ ପ୍ରଧାନ। ଅନ୍ୟପଟେ ଧାନ ସଂଗ୍ରହ ପାଇଁ ଝାରସୁଗୁଡା ଜିଲ୍ଲାରେ ଏପର୍ଯ୍ୟନ୍ତ ଡିଏଲପିସି ବୈଠକ ଅନୁଷ୍ଠିତ ହୋଇନାହିଁ। କେବେ ଠାରୁ ଧାନ କିଣା ହେବ ତାହା ଚାଷୀଙ୍କୁ ଜଣା ନ ଥିବାବେଳେ ନିଅଣ୍ଟିଆ ବର୍ଷା ଯୋଗୁଁ ମରୁଡି ହୋଇଥିବା ଜମିର କ୍ଷତିପୂରଣ ମିଳିବ ନା ନାହିଁ ସନେଇ ମଧ ଦ୍ୱନ୍ଦରେ ରହିଛନ୍ତି ଚାଷୀ। ମରୁଡ଼ି ହୋଇଥିବା ଜମିର କ୍ଷୟକ୍ଷତି ଶୀଘ୍ର ଆକଳନ କରି କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି କହିଛନ୍ତି ଲଖନପୁର ବ୍ଲକ ସାଗରପାଲି ଗାଁ ର ଚାଷୀ ଶିବୁ ପ୍ରଧାନ। ଯଦି ବର୍ଷା ହୁଏ ସବୁଧାନ ନଷ୍ଟ ହୋଇଯିବ ବୋଲି କହିଛନ୍ତି ଚାଷୀ ଲକ୍ଷ୍ମଣ ପାତ୍ର। ଜିଲ୍ଲା ଯୋଗଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ କହିଛନ୍ତି ଗତ ବର୍ଷ ଡିସେମ୍ବର ୮ ତାରିଖରୁ ଧାନକିଣା ଆରମ୍ଭ ହୋଇଥିବାବେଳେ ଚଳିତବର୍ଷ ମଧ ଡିସେମ୍ବରରୁ ଧାନ କିଣା ଆରମ୍ଭ ହେବାର ପ୍ରସ୍ତାବ ରହିଛି। ଏହାସହ ଚାଷୀମାନଙ୍କୁ ଟୋକନ ମିଳିଲା ପରେ ପର୍ଯ୍ୟାପ୍ତ ପରିମାଣରେ ଅଖା ବସ୍ତା ଯୋଗାଇ ଦିଆଯିବ। ବାହାରୁ ଅଖା ବସ୍ତା କିଣିବାର ଆବଶ୍ୟକତା ନାହିଁ ବୋଲି କହିବାସହ କେବେଳ ଅଖାବସ୍ତାରେ ଭର୍ତ୍ତି ଧାନ କିଣାଯିବ ପ୍ଲାଷ୍ଟିକ ବସ୍ତାରେ ଭର୍ତ୍ତି

## ୧୦ରେ ଜିଲ୍ଲାସ୍ତରୀୟ କବାଡ଼ି ଚୟନ ଶିବିର

ଦେବଗଡ଼,୭ ।୧୧(ସମିସ): ୭୨ତମ ରାଜ୍ୟସ୍ତରୀୟ ସିନିୟର୍ କବାଡି ଚାମ୍ପିଅନସିପ୍ ପୁରୁଷ ଓ ମହିଳା ବିଭାଗ ୨୦୨୪-୨୫ ଗଞ୍ଜାମ ଜିଲ୍ଲାର ଆସିକା ହରିହର ହାଇସ୍କୁଲ ମିନିଷ୍ଟାଡିୟମ ଠାରେ ଆସନ୍ତା ୧୪ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ରାଜ୍ୟସ୍ତରୀୟ କବାଡି ଚାମ୍ପିଅନସିପ୍‌ରେ ଦେବଗଡ଼ ଜିଲ୍ଲା ମଧ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଏଥି ନିମନ୍ତେ ଜିଲ୍ଲାସ୍ତରୀୟ କବାଡ଼ି ଟିମ୍ ଗଠନ ନିମନ୍ତେ ଜିଲ୍ଲାର ସମସ୍ତ ଇଚ୍ଛୁକ କବାଡ଼ି ଖେଳାଳିମାନେ ଆସନ୍ତା ୧୦ ତାରିଖ ଦିନ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାର ସକାଳ ୯ରେ ନିଜର ପାସପୋର୍ଟ ଫୋଟ ଓ ଆଧାରକାର୍ଡ ସହିତ ଉପସ୍ଥିତ ରହି ଏହି ଚୟନ ପ୍ରକ୍ରିୟାରେ ଭାଗ ନେବାର ସୁଯୋଗ ପାଇ ପାରିବେ ବୋଲି ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ନାୟକ ଜଣାଇଛନ୍ତି।

## ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ବ୍ରତଧାରୀ



**ଦେବଗଡ଼, ୭ ।୧୧(ସମିସ):** ଦେବଗଡ଼ ପୌରାଞ୍ଚଳ ମୁଖ୍ୟ ବଜାରସ୍ଥିତ ଆଦର୍ଶ ପୋଖରୀଠାରେ ହିନ୍ଦୀ ଭାଷାଭାଷୀ ସମ୍ପ୍ରଦାୟ ପକ୍ଷରୁ ଛଟ୍ ପର୍ବ ପାଳିତ ହୋଇଯାଇଛି। ଆସ୍ଥା ଓ ବିଶ୍ୱାସର ପର୍ବ ଛଟ୍ କାର୍ତ୍ତିକ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ପାଳିତ ହେଉଥିବା ବେଳେ ବ୍ରତଧାରୀ ଏଥିପାଇଁ ବୁଧବାରଠାରୁ ନିର୍ଜଳା ଉପବାସ ରହି ଆଜି ସନ୍ଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିବାବେଳେ ଶୁକ୍ରବାର ପ୍ରତ୍ୟୁଷରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ସହ ବ୍ରତର ସମାପନ କରିବେ। ବାଉଁଶ ନିର୍ମିତ କୁଲାରେ ଆଖୁ, ପାନପତ୍ର, ଗୁଆ ପଇଡ଼ ଓ ଫଳ ସହ ଅଟା ନିର୍ମିତ ବିଶେଷ ପ୍ରସାଦ ଠେକୁଆ ଭୋଗ ଏହି ପର୍ବର ମୁଖ୍ୟ ଆକର୍ଷଣ।

## ଯୁବ ରେଡ୍‌କ୍ରସ୍‌ର ସଚେତନତା

**ଦେବଗଡ଼,୭ ।୧୧(ସମିସ):** ବାରକୋଟ୍ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟଠାରେ ଆଜି ଯୁବରେଡକ୍ରସ୍ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷ ଜିତେନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତପସ୍ୱିନୀ ପ୍ରଧାନ, ଶିବାରାଣୀ କନୱାର, ଅଖିଳ ଚରଣ ସାହୁ ଅତିଥି ଭାବେ ଯୋଗ ଦେଇ ଥିଲେ। ଯୁବରେଡକ୍ରସ ପରାମର୍ଶଦାତା ତଥା ଅଧ୍ୟାପିକା ମଧୁସ୍ମିତା ନନ୍ଦ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।



## ଝାରସୁଗୁଡ଼ା ଜିଲ୍ଲାରେ ଧୁମ୍‌ଧାମ୍‌ରେ ଛଟ୍ ପୂଜା ପାଳିତ



**ଝାରସୁଗୁଡ଼ା,୭।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲାରେ ଧୁମଧାମରେ ପାଳିତ ହୋଇଛି ଛଟ୍ ପୂଜା କ୍ଷ ବିଶେଷ କରି ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା, ବ୍ରଜରାଜନଗର, ବେଲପାହାଡ଼, ଗୁମାଡେରା ଅଞ୍ଚଳ ଛଟ ପୂଜା ପାଇଁ ଉତ୍ସବ ମୁଖର ହୋଇଉଠିଛି କ୍ଷ ଛଟ ପୂଜା ପାଳନ ପାଇଁ ହଜାର ହଜାର ସଂଖ୍ୟାରେ ବିହାରୀ ସମ୍ପ୍ରଦାୟ ସହ ସ୍ଥାନୀୟ ଲୋକଙ୍କ ସମାଗମ ହୋଇଛି କ୍ଷ ଏହି ଛଟ୍ ପୂଜା ନଭେମ୍ବର ୫ ତାରିଖରେ ଆରମ୍ଭ ହୋଇ ନଭେମ୍ବର ୬ ତାରିଖ ଖର୍ନା ପୂଜା, ଆଜି ୭ ତାରିଖ ସୂର୍ଯ୍ୟସ୍ତ ସମୟରେ ସୂର୍ଯ୍ୟ ଦେବତାଙ୍କୁ ପ୍ରଥମ ଅର୍ଘ୍ୟ ଓ ୮ ତାରିଖ ସୂର୍ଯ୍ୟ ଉଦୟ ସମୟରେ ଦ୍ୱିତୀୟ ଅର୍ଘ୍ୟ (ପାରନ) ପ୍ରଦାନ କରାଯିବ କ୍ଷ ବିହାରୀ ସମ୍ପ୍ରଦାୟର ମହିଳା ଓ ପୁରୁଷମାନେ ଛଟି ମାତା ଏବଂ ସୂର୍ଯ୍ୟ ଦେବତାଙ୍କ ପୂଜା କରି ନିଜ ପିଲା ଛୁଆଙ୍କ ଦୀର୍ଘାୟୁ, ପରିବାରରେ ସୁଖ, ଶାନ୍ତି, ସମୃଦ୍ଧି ଏବଂ ଜୀବଜଗତର ମଙ୍ଗଳ କମନା କରିଛନ୍ତି କ୍ଷ ବୁଧବାର ସନ୍ଧ୍ୟାରୁ ବ୍ରତ ରଖିଥିବା ମହିଳା ଓ ପୁରୁଷମାନେ ଗୁରୁବାର ସନ୍ଧ୍ୟାରେ ଛଟୀ ମାତା' ଓ ସୂର୍ଯ୍ୟ ଦେବତାଙ୍କ ପୂଜାର୍ଚ୍ଚନା କରିଥିବା ବେଳେ ଶୁକ୍ରବାର ସକାଳେ ପୁଣି ପୂଜାର୍ଚ୍ଚନା ପରେ ନିଜ ବ୍ରତ ଭାଙ୍ଗି ପ୍ରସାଦ ସେବନ କରିବେ କ୍ଷ ସେହିପରି ଗୁମାଡେରା ଛଟ୍ ପୂଜା ଦୀର୍ଘ ବର୍ଷରୁ ଆରମ୍ଭ ହୋଇଥିବା ବେଳେ ବିଗତ ୧୯ ବର୍ଷ ହେବ ଅନୁଷ୍ଠିତ ହୋଇଆସୁଛି କ୍ଷ ଛଟ ପୂଜା ସମୟରେ ପୂଜା କମିଟି ପକ୍ଷରୁ ବଡ଼କାଁଟା ନିକଟରେ ପ୍ରସ୍ତାବିତ ସୂର୍ଯ୍ୟ ମନ୍ଦିର ପ୍ରାଙ୍ଗଣରେ ସୁନ୍ଦର ସଜ୍ଜିତ ପେଣ୍ଡାଲ ନିର୍ମାଣ କରି ସୂର୍ଯ୍ୟ ଦେବତା ଏବଂ ଅନ୍ୟ ଦେବାଦେବୀଙ୍କ ପୂଜାର୍ଚ୍ଚନା କରାଯାଉଛି କ୍ଷ ଚଳିତ ବର୍ଷ ପୂଜାରେ କହ୍ନେୟା ଶର୍ମା ସହିତ ତାଙ୍କ ପତ୍ନୀ ମାୟା ଶର୍ମା ଓ ପ୍ରଭାସ ଶର୍ମା ସହିତ ତାଙ୍କ ପତ୍ନୀ ସଂଯୁକ୍ତା ଦ୍ୱିବେଦୀ ପୂଜା କର୍ତ୍ତା ଦାୟିତ୍ୱ ତୁଲାଇ ଥିବାବେଳେ ପୂଜକ ଭାବରେ ପଣ୍ଡିତ ମହେନ୍ଦ୍ର ପଣ୍ଡା ଏବଂ ସୁରେଶ ସାହୁ ପୂଜାର୍ଚ୍ଚନା କରୁଛନ୍ତି କ୍ଷ ଆୟୋଜକ ପୂଜା କମିଟିରେ ସଭାପତି ସୁଧୀର ସିଂହ, ସମ୍ପାଦକ ସୂର୍ଯ୍ୟ ପ୍ରକାଶ ପାଲ, କୋଷାଧକ୍ଷ ଦୀପକ ଶର୍ମାଙ୍କ ସମେତ ସୁରେଶ ସିଂହ, ଶ୍ରୀରାମ ଦୁବେ, ମନିସ ସିଂହ, ମୋନୁ ପ୍ରସାଦ, ଅମନ ମହାରାଜ, ମଣ୍ଟୁ ସିଂହ, ବରୁଣ ସିଂହ, ଧରମବୀର ଶର୍ମା, ସନ୍ତୋଷ ରାଏ, ରାଜେଶ ଶର୍ମା, ଅଟଳ ରାୟ, ମୁନ୍ନା ରାୟ, ଅରବିନ୍ଦ ଗୁପ୍ତା, ମୁନ୍ନା ପାଲ, ଅନୀଲ ଦୁବେ, ହରିଶଙ୍କର ଗୁପ୍ତା ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି କ୍ଷ ସେହିପରି ବେଲପାହାଡ଼ ସ୍ଥାନୀୟ ସମଡ଼ା କଁଟାରେ ଅନୁଷ୍ଠିତ ଛଟ୍ ପୂଜାରେ ସାନି ଝା ଓ ତାଙ୍କ ପତ୍ନୀ ଡଲି କୁମାରୀ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ଭାବେ ପଣ୍ଡିତ ଦଶରଥ ପାଣ୍ଡେ ପୂଜାର୍ଚ୍ଚନା କରିଥିଲେ କ୍ଷ ପୂଜା ଆୟୋଜନରେ ଲକ୍ଷ୍ମୀକାନ୍ତ ଝା, ଦୀପକ ଝା, ବିକି ଶା, ରତ୍ନେଶ୍ୱର ଝା, କ୍ରିଷ୍ଣକାନ୍ତ ଝା, ଧୀରଜ ପ୍ରସାଦ ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ କ୍ଷ

## ବେପରୁଆ ଭାରୀଯାନ ଚଳାଚଳ; ମୁଣ୍ଡ ଗଡ଼ିଲେ ଚେତିବ ପ୍ରଶାସନ

**ବ୍ରଜରାଜନଗର,୭।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ୪୯ ନମ୍ବର ଜାତୀୟ ରାଜପଥରୁ ବାହାରିଥିବା ଗାନ୍ଧୀଛକ-ବଲଙ୍ଗିବାହାଲ ପୂର୍ତ୍ତ ବିଭାଗ ରାସ୍ତାରେ ପ୍ରତିଦିନ ହଜାର ହଜାର ଯାନବାହନ ଚଳାଚଳ କରୁଛି ଏବଂ ଦିନକୁ ଦିନ ଏହି ରାସ୍ତାରେ ଭାରୀଯାନ ଗୁଡିକର ବେପରୁଆ ଚଳାଚଳ ବୃଦ୍ଧି ପାଇବାରେ ଲାଗିଛି। ଏହି ରାସ୍ତା ରାଜପୁରରେ ବିଭକ୍ତ ହୋଇ ଗୋଟିଏ ପଟେ ଚାନ୍ଦିନୀମାଲ ଗ୍ରାମପଞ୍ଚାୟତ ହୋଇ ସୁନ୍ଦରଗଡ଼ ଓ ଅନ୍ୟପଟେ ଲୋଇସିଂହ ଗ୍ରାମପଞ୍ଚାୟତର ଅନେକ ଗ୍ରାମ ଓ ଜନବସତି ଦେଇ ସୁନ୍ଦରଗଡ଼ ଜିଲ୍ଲାକୁ ସଂଯୋଗ କରୁଛି। ପଡୋଶୀ ସୁନ୍ଦରଗଡ଼ ଜିଲ୍ଲାର ଦର୍ଲିପାଲି ଗ୍ରାମଠାରେ ଥିବା ଏନଟିପିସି ପାୱାର ପ୍ଲାଣ୍ଟ ଯୋଗୁଁ ପ୍ରତିଦିନ ଉକ୍ତ ରାସ୍ତାରେ ବହୁ ମାତ୍ରାରେ ଭାରୀଯାନ, ବସ, ଚାରିଚକିଆ ଯାନ,ବାଇକ୍ ଇତ୍ୟାଦି ଅହରହ ଚଳପ୍ରଚଳ କରିବା ସହ ପ୍ରତିଦିନ ଇବ୍ ନଦୀରୁ ବାଲି ବୋଝେଇ ଭାରୀଯାନ ବାହାରି ଏହି ରାସ୍ତାରେ ବେପରୁଆ ଭାବରେ ଗାଡ଼ିଚାଳନା କରୁଛି। ପ୍ରତିଦିନ ଛୋଟମୋଟ ଦୁର୍ଘଟଣା ଏଠାରେ ଦେଖିବାକୁ ମିଳୁଛି। ଅତ୍ୟନ୍ତ ବ୍ୟସ୍ତବହୁଳ ରାସ୍ତାରେ ପରିଣତ ହୋଇସାରିଥିବା ଏହି ରାସ୍ତାରେ ଦିନ ବେଳା ଅହରହ ଭାରୀଯାନ ଯାତାୟାତ କରୁଥିବା ବେଳେ ରାତିରେ ଏମାନେ ପ୍ରବଳ ବେଗରେ ଚଳାଚଳ କରୁଛନ୍ତି। ଫଳରେ ସାଧାରଣ ବାଇକ ଓ ହାଲୁକା ଯାନ ଚଳାଚଳ ଏହି ରାସ୍ତାରେ ସୁରକ୍ଷିତ ନୁହେଁ। ଏହି ରାସ୍ତାର ରାଜପୁର ରେଲୱେ ଓଭର୍ ବ୍ରିଜରେ ଆଲୋକୀକରଣ ବ୍ୟବସ୍ଥା ଥିଲେ ମଧ ଅଚଳ ହୋଇପଡ଼ିଛି। ତେଣୁ ରାତି ଅନ୍ଧକାରରେ ଏମାନଙ୍କ ବେପରୁଆ ଗାଡ଼ିଚାଳନା ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। କେତେବେଳେ ଯେ ଏଠି ମୁଣ୍ଡ ଗଡ଼ିବ କହିବା ମୁସ୍କିଲ। ସେହିପରି ଗ୍ରାମାଞ୍ଚଳର ଜନବସତି ଦେଇ ଯାଇଥିବା ରାସ୍ତାଗୁଡ଼ିକ ସଂକୀର୍ଣ୍ଣ ହୋଇଥିବାରୁ ଭାରୀଯାନ ଗୁଡ଼ିକର ଦ୍ରୁତଗତି ଯୋଗୁଁ ଦୁର୍ଘଟଣା ଘଟିବାର ଯଥେଷ୍ଟ ଆଶଙ୍କା ଥିବା ଲୋକେ ଅଭିଯୋଗ କରୁଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ ଏହି ରାସ୍ତାରେ ଭାରୀଯାନର ବେଗ ନିୟନ୍ତ୍ରଣ ଲାଗି ପଦକ୍ଷେପ ନେବା ସହ ରେଲୱେ ଓଭର ବ୍ରିଜର ଆଲୋକୀକରଣ ବ୍ୟବସ୍ଥା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

- ରେଲୱେ ଓଭର ବ୍ରିଜ୍‌ର ଆଲୋକୀକରଣ ବ୍ୟବସ୍ଥା ପାଇଁ ଦାବି
- ସଂକୀର୍ଣ୍ଣ ରାସ୍ତାରେ ଭାରୀଯାନର ବେଗ ନିୟନ୍ତ୍ରଣ କରାଯାଉ

## ବିର୍ସାମୁଣ୍ଡା ଜୟନ୍ତୀ ପ୍ରସ୍ତୁତି ବୈଠକ

**ଦେବଗଡ଼, ୭ ।୧୧(ସମିସ ):** ଜିଲ୍ଲା ଆଦିବାସୀ ମହାସଂଘ ପକ୍ଷରୁ ସଭାପତି ସେମ ହେମ୍ବ୍ରମଙ୍କ ଅଧକ୍ଷତାରେ ସ୍ଥାନୀୟ ସୌରଭ କମ୍ପ୍ଲେକ୍ସଠାରେ ଗୁରୁବାର ବିର୍ସାମୁଣ୍ଡା ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ ତାରିଖ ଦିନ ଶହୀଦବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ନିଷ୍ପତ୍ତି ନିଆଯିବା ସହ ବିର୍ସାମୁଣ୍ଡା ଜୟନ୍ତୀକୁ ବର୍ଣ୍ଣାଢ୍ୟ ଭାବେ ପାଳନ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ୯ ନମ୍ବର ୱାର୍ଡ ପାରିଷଦ ସରୋଜିନୀ ମୁଣ୍ଡା, କଲଣ୍ଡା ସରପଞ୍ଚ ସସ୍ମିତା ଲୁଗୁନ୍, ସଲମାନ ହେନେଜ, ଦୁଃଖବନ୍ଧୁ ମୁଣ୍ଡା, ରାଜେଶ ବାର୍ଲା, ଆସେର ବାର୍ଲା, ପାୱାଲ ତାୱାନ, ଅଭୟ ସା, ବିଲେନ ତିରୁ, ସାଗର ହେନେଜ ଏବଂ ଆଲୋକ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହିଥିଲେ

## ଭାରସାମ୍ୟ ହରାଇ ମଝି ରାସ୍ତାରେ ଓଲଟିଲା ଭାରୀଯାନ

**ଝାରସୁଗୁଡ଼ା,୭।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ପଞ୍ଚପଡ଼ା ନିକଟ ବିଜୁ ଏକ୍ସପ୍ରେସ ୱେରେ ଗୁରୁବାର ରାତିରେ ଏକ ଭାରୀଯାନ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ସୂଚନା ଅନୁଯାୟୀ ଭାରୀଯାନ ଚାଳକ ଜଣକ ଅତ୍ୟଧିକ ମଦ୍ୟପାନ କରିଥିବାରୁ ଭାରୀଯାନଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ବେଳେ ଦୁର୍ଘଟଣାରେ ଡ୍ରାଇଭର ଜଣକ ସାମାନ୍ୟ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଯାନବାହନ ଚଳାଚଳ ସ୍ୱାଭାବିକ କରିବା ସହ ଯାଞ୍ଚ କରାଯାଉଥିବା ନେଇ ସୂଚନା ମିଳିଛି।

## ଗୋକୁଳାଷ୍ଟମୀ ଯାତ୍ରା ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି

**ବ୍ରଜରାଜନଗର,୭।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଚାନ୍ଦିନୀମାଲ ପଞ୍ଚାୟତ ଅନ୍ତର୍ଗତ ବରପାଲି ଗ୍ରାମଠାରେ ୫୦ତମ ଗୋକୁଳାଷ୍ଟମୀ ଯାତ୍ରା ନେଇ ପ୍ରସ୍ତୁତି ବୈଠକ ଗ୍ରାମ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପରେ ବିଗତ ବର୍ଷ ଯାତ୍ରାର ଆୟବ୍ୟୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ଯାତ୍ରା ୫୦ ବର୍ଷରେ ପଦାର୍ପଣ କରିଥିବାରୁ ଯାତ୍ରାକୁ କିଭଳି ସୁନ୍ଦର ଓ ଆକର୍ଷଣୀୟ କରାଯିବ, ସେ ନେଇ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ଯାତ୍ରାରେ ବ୍ୟୟ ଅଟକଳ ପ୍ରାୟ ୪ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ଯାତ୍ରା କମିଟିର ସଦସ୍ୟ ସୁନିଲ ସିଂ ଲାଲୁ,ହେମନ୍ତ ଧୁରୁଆ,ଶୁଭେନ୍ଦୁ ନାରାୟଣ ସିଂ ଦେଓ,ଠାକୁର ପ୍ରଧାନ,କିଶୋର ବଡ଼ାଇ,ହେମନ୍ତ ବଡ଼ାଇ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ହେମନ୍ତ କୁମାର ବଗାର ସଭା ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



**ଦେବଗଡ଼, ୭ ।୧୧(ସମିସ)**

ଦେବଗଡ଼ ଜିଲ୍ଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଦେବଗଡ଼ ମହାବିଦ୍ୟାଳୟ ବିଜୁ ପଟ୍ଟନାୟକ ଅଡିଟୋରିଅମଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ''ସୁରଭି' ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ ଡ. ରାଧାକାନ୍ତ ଗଡତିଆ ଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ବିଭୂରଞ୍ଜନ ମହାନ୍ତି, ଦେବଗଡ଼ ମହାବିଦ୍ୟାଳୟ ଅଧକ୍ଷ ଡ. ସୁଦାମ ଚରଣ ପରିଡା ଓ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ସନ୍ତୋଷ କୁମାର ଗୌଡ଼ ଯୋଗ ଦେଇ ଥିଲେ। ସଭା ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୋଦ ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ଶୈକ୍ଷିକ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅପୂର୍ବ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉଭୟ ସଭା କାର୍ଯ୍ୟକୁ ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡ଼େଇ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମଧ୍ୟରେ କନିଷ୍ଠ, ବରିଷ୍ଠ, ବରିଷ୍ଠ ଉଚ୍ଚ ମାଧ୍ୟମିକସ୍ତରରେ ଜଣାଅଜଣା, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ଚିତ୍ରକଳା ହସ୍ତକଳା ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ବଦ୍ରା, ନିବେଦିତା ବେହେରା, ଅଧପକ ସଞ୍ଜୀବ କୁମାର ଦାସ, ସୁରେନ୍ଦ୍ର ଦାସ,ଡ଼ ଭାରତ ଭୂଷଣ ନନ୍ଦ, ଚିତ୍ତରଞ୍ଜନ ଦାସ, ବର୍ଷିଆନ କଳାକାର ଅତୁଲ୍ୟ ପୂଜାରୀ, ଜନ୍ମେଜୟ ନାୟକ, ପ୍ରମୋଦ କୁମାର ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଟିକେଶ୍ୱର ସାହୁ, ଅନିରୁଦ୍ଧ ବେହେରା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୋଦ ସିଂଙ୍କ ସଭାପତିତ୍ୱରେ ଆୟୋଜିତ କାଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବିଶିଷ୍ଟ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଦେବଗଡ଼ ପୌରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପ-ଜିଲ୍ଲାପାଳ ପରୀକ୍ଷିତ ସାହୁ ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଦୀପିକା ମିଶ୍ର, ଝରଣା ବେହେରା, ସହାୟକ ଶଶାଙ୍କ ଚୌଧୁରୀ, ଆକାଉଣ୍ଟାଣ୍ଟ ସଞ୍ଜୀବ ମିଶ୍ର ସୁଜିତ ମୁଖି, ଦେବେନ୍ଦ୍ର ଦାସ, ଭେନସ କୁମାର ପ୍ରଧାନ, ଚୂଡ଼ାମଣି ସାହୁ, ଅଶୋକ କୁମାର ସାହୁ, କୁମୁଦବନ୍ଧୁ ପ୍ରଧାନ, ବରିଷ୍ଠ ଶିକ୍ଷକ ଦୁଷ୍ମନ୍ତ ସାମଲ, ଭବାନୀକାନ୍ତ ପ୍ରଧାନ, ରମାକାନ୍ତ ପ୍ରଧାନ, କ୍ରୀଡା ଶିକ୍ଷକ ଡିଲେଶ୍ୱର ସ୍ୱାଇଁ,ଅମିତା ନାୟକ, ନମିତା ନନ୍ଦ, କାଦମ୍ବିନୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର ବେଲପାହାଡ଼ ଶାଖା ଉଦ୍‌ଘାଟିତ



**ବେଲପାହାଡ଼,୭।୧୧(ସମିସ):** ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଶାଖାର ଆଜି ଶୁଭାରମ୍ଭ ହୋଇଛି କ୍ଷ ଏହି ଅବସରରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଏକ ଆଲୋଚନା ସଭା ଓ କବିତା ଆସର ଅନୁଷ୍ଠିତ ହୋଇଛି କ୍ଷ ଏଥିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଝାରସୁଗୁଡା ଜିଲ୍ଲା ସଂଘଚାଳକ ଯୁଧିଷ୍ଠିର ବେହେରା ମୁଖ୍ୟ ଅତିଥି, ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଓଡ଼ିଶା ଓ ପଶ୍ଚିମ ବଙ୍ଗ କ୍ଷେତ୍ର ସଂଯୋଜକ ନାରାୟଣ ନାୟକ ମୁଖ୍ୟ ବକ୍ତା ଓ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟା ତଥା ଝାରସୁଗୁଡ଼ା ଜିଲ୍ଲା ସଂଯୋଜିକା ଡଃ ଶିବପ୍ରିୟା ମିଶ୍ର ସଭାମୁଖ୍ୟ ଭାବେ ମଞ୍ଚାସୀନ ଥିଲେ କ୍ଷ ଓଡ଼ିଆ ସାହିତ୍ୟର ବିକାଶ ତଥା ପ୍ରାଚୀନ ଓଡ଼ିଆ ସାହିତ୍ୟ ସୃଷ୍ଟିକୁ ଲୋକଲୋଚନକୁ ଆଣିବା ସହିତ ଓଡ଼ିଆ ସଂସ୍କୃତିର ପୁନରୁଦ୍ଧାର ପାଇଁ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ବକ୍ତାମାନେ ଆଲୋକପାତ କରିଛନ୍ତି କ୍ଷ କବିତା ପାଠୋତ୍ସବକୁ ଶିକ୍ଷାବିତ୍ ମିନତି ମହାପାତ୍ର ସଂଯୋଜନା କରିଥିବା ବେଳେ କୈଳାସ ଚନ୍ଦ୍ର ପଟନାୟକ ଓ ପ୍ରସନଜିତ ସାହୁ ସଭା ପରିଚାଳନା କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବେଲପାହାଡ଼ ନଗର ସଂଘ ଚାଳକ ସନ୍ତୋଷ ଅଗ୍ରୱାଲ, ସମାଜସେବୀ ମନୋଜ ଅଗ୍ରୱାଲ, ଅଧ୍ୟାପକ ଶ୍ରୀକର ଭୋଇ, ଡାକ୍ତର ଦିଲ୍ଲୀପ ନାଏକ, ରଘୁନାଥ ନାୟକ, ଦିଲ୍ଲୀପ କୁମାର ସାହୁ, ଗିରିଶ ଚନ୍ଦ୍ର ତ୍ରିପାଠୀ, ସୁରେନ୍ଦ୍ର ପ୍ରସାଦ ପରିଡ଼ା, ନୀଳମଣି ଥପା, ସୁରେଶ ପଧାନ, ହରିଶ ନାଏକ, ଠାକୁର ପ୍ରଧାନ, ନଳିନୀ ପ୍ରଧାନ ପ୍ରମୁଖଙ୍କ ସହ ୪୦ ରୁ ଊର୍ଦ୍ଧ୍ୱ କବି ଏବଂ କବୟିତ୍ରୀ ଅଂଶଗ୍ରହଣ କରିଥିଲେ।

